ଦସ୍ୟୁ ରଞ୍ଜନ ସିରିଜ୍



ସୀମାନ୍ତ ପଥେ ରଂଜନ

ଶ୍ରୀ ପ୍ରୀତିଲତା ରାଣୀ ପ୍ରାଣୀ

ମୁକ୍ତା ପ୍ରକାଶନ
ବାଙ୍କିପାଣ୍ଡ, କଟକ-୭୫୩୦୦୯

ଦୁଇଟଙ୍କା ମାତ୍ର

ରେଖା ପ୍ରେସ
ବାଙ୍କିପାଣ୍ଡ, କଟକ-୭୫୩୦୦୯

Simanta Pathe Ranjan

By

PRAMOD KISHORE PANDA

Rs. 2.00

ରାତି ବାରଟା ବାଜିବାକୁ ଯାଉଛି ।

ସାରା ପୃଥ୍ୱୀକୁ ଢାଙ୍କି ରଖିଛି ଅମାବାସ୍ୟାର ଗହନ-ଅନ୍ଧକାର । ସମୁଦ୍ରତଟ ନିର୍ଜନ । ଜନମାନବର କୌଣସି ଶବ୍ଦବର୍ଣ୍ଣ [illegible] । ଶାନ୍ତ ପୃଥିବୀ ।

ଦେଖାଗଲା, ବନ୍ଦର ନିକଟରୁ କିଛି ଦୂରରେ ଏକ ସ୍ଥାନରେ ଶୋଇରହି ଜଣେ ଯୁବକ ସ୍ଥିର ଦୃଷ୍ଟିରେ ଚାହିଁ ରହିଛି ସମୁଦ୍ର ଆଡ଼କୁ । ଆଖପାଖରେ ଅନେକ ଗୁଡ଼ାଏ ବଡ଼ବଡ଼ ପଥରଖଣ୍ଡ ମୁଣ୍ଡ ଟେକି ଠିଆ ହୋଇଛି । ତଳେ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର ।

ବାଲୁକାରାଶି ଉପରେ ଶୋଇରହି ପଥର ଫାଙ୍କ ଦେଇ ଯୁବକଟି ଚାହିଁଛି ସମୁଦ୍ର ଆଡ଼କୁ । ମଝିରେ ମଝିରେ ଆଖି ବୁଲାଇ ଆଣୁଛି ନିଜର ରିଷ୍ଟୱାଚ ଉପରେ । ମନେହେଲା ସେ ଯେମିତି କାହାକୁ ପ୍ରତୀକ୍ଷା କରୁଛି ଏଇ ସମୟରେ ।

ଯୁବକ ନିକଟରୁ ଆଉ କିଛି ଦୂରରେ ସ୍ତୂପାକାର ହୋଇଥିବା କେଇଟି ବଡ଼ବଡ଼ ପଥରଖଣ୍ଡର ଆଡ଼୍‌ଆଳରେ ବସି ରହିଛନ୍ତି ଦୁଇଜଣ ବ୍ୟକ୍ତି । ଉଭୟଙ୍କ ଦେହରେ ଗାଢ଼ କଳାରଙ୍ଗର ପୋଷାକ, ମୁଣ୍ଡରେ ଫେଲ୍ଟ ହ୍ୟାଟ ।

ଜଣକ ହାତରେ ଲୋଡ଼େଡ୍ ରିଭଲଭର୍ । ଅନ୍ୟ ଜଣକ ହାତରେ ଗୋଟାଏ ନାଇଟ୍ ବାଇନାକୁଲର୍ । ବାଇନାକୁଲର୍ ଆଖିରେ ଲଗାଇ ପଥର ପାଙ୍କ ଦେଇ ସେ ସମୁଦ୍ର ଆଡ଼କୁ ଚାହିଁ ରହିଛି ।

ମାତ୍ର ଏଇ ଦୁଇଜଣ ବ୍ୟକ୍ତି ପୂର୍ବୋକ୍ତ ଯୁବକ ସମ୍ପର୍କରେ କିଛି ହେଲେ ଜାଣିପାରି ନାହାନ୍ତି । ଯୁବକର ପ୍ରକୃତ ପରିଚୟ ଏଠାରେ ଦେଇ ରଖିବା ଭଲ । ସେ ଆମର ପରିଚିତ ଦସ୍ୟୁ ରତନ । ରତନ ମଝିରେ ମଝିରେ ନିଜର ରିଷ୍ଟୱାଚ ଉପରେ ଆଖି ବୁଲାଇ ନେଉଛି, ତାପରେ ଲକ୍ଷ୍ୟ କରୁଛି ସମୁଦ୍ର ଆଡ଼କୁ ।

ଏପାଖରେ ଜନମାନବର ଚିହ୍ନବର୍ଣ୍ଣ ନାହିଁ । ବନ୍ଦରର କୋଳାହଳମୟ ପରିବେଶଠାରୁ ସ୍ଥାନଟି ଅନେକ ଦୂରରେ । ମାତ୍ର ଏଭଳି ଏକ ନିର୍ଜନ ସ୍ଥାନରେ ଏତେ ଗଭୀର୍ ରାତିରେ ଏଇ ତିନିଜଣ ସେ କାହାକୁ ଏପରି ବ୍ୟାକୁଳ ଭାବରେ ପ୍ରତୀକ୍ଷା କରୁଛନ୍ତି ସେକଥା ବୁଝିହେଉନି ।

ହଠାତ୍ ବାଇନାକୁଲର ଆଖିରେ ଲଗାଇ ଦେଖୁଥିବା ବ୍ୟକ୍ତି ଉଠି ଠିଆହେଲା । ଚାପା କଣ୍ଠରେ ଅନ୍ୟ ଲୋକଟି ଉଦ୍ଦେଶ୍ୟରେ କହିଲା—ପ୍ରସ୍ତୁତ ହୋଇଯା' ରହେମନ୍ ! ଷ୍ଟିମର ଆସୁଛି ।

ରହେମନ୍ ରିଭଲ୍ଭର୍ ହାତରେ ଧରି ନମ୍ର ନମ୍ର ଗମ୍ଭୀର କଣ୍ଠରେ କହିଲା—ରହେମନ୍ ସବୁବେଳେ ପ୍ରସ୍ତୁତ ଉସ୍ମାନ ! ଚାଲ ତାହେଲେ···

ଦୁଇଜଣ ଉଠି ଠିଆହେଲେ । ତାଙ୍କରେ ପଥର ସନ୍ଧିରେ ଲୁଚାଇ ରଖିଥିବା ଗୋଟିଏ ବ୍ରିଫ୍କେସ୍ ବାହାର କରି ଆଣିଲା ରହେମନ୍ । ଦୁହେଁ ଧୀର ଅଥଚ ସତର୍କ ପଦରେ ଆଗେଇ ଚାଲିଲେ

ଗୋଟାଏ ଆଡ଼କୁ । ଏକ ଅଂଶରେ ପଥର ପକାଇ ଜେଟିଭଳି ତିଆରି କରାହୋଇଛି । ଅବଶ୍ୟ ଭଲଭାବେ ସେକଥା ବୁଝିବା ସମ୍ଭବ ହୁଏନା ।

ରହେମନ ଏବଂ ଉସମାନ ଆଗେଇ ଆସି ହେଲେ । ଏଣେ ପଥର ଆଡ଼ୁଆଳରେ ଥାଇ ରଉ ଚଞ୍ଚଳ ହୋଇ ଉଠିଲା । ଯଥାସମ୍ଭବ ଆତ୍ମଗୋ[illegible] ତୀକ୍ଷ୍ଣ ଦୃଷ୍ଟିରେ ଲକ୍ଷ୍ୟ କରିବାକୁ ଲାଗିଲା ଏଇ ଦୁଇଜଣଙ୍କୁ ।

ସମୁଦ୍ର ମଧ୍ୟରୁ ଏକ ଗାଢ଼ ଜଳାବର୍ତ୍ତ ଧୀରେ ଧୀରେ ବଡ଼ ହୋଇ ଆସୁଛି । କ୍ରମଶଃ ସେହି ଜଳାବର୍ତ୍ତ ବିରାଟ ଆକାର ଧାରଣ କରି ଷ୍ଟିମରରେ ପରିଣତ ହେଲା । ଦେଖାଗଲା ଏକ ମଧ୍ୟମ ଧରଣର ଶକ୍ତିଶାଳୀ ଷ୍ଟିମର ହଲି ଦୋହଲି ଆଗେଇ ଆସୁଛି ଏଇ ଆଡ଼କୁ ।

ଉସ୍‌ମାନ କୋଟ ପକେଟରୁ ଗୋଟାଏ ବଡ଼ ଧରଣର ଟର୍ଚ୍ଚ ବାହାର କରି ଆଣିଲା । ସୁଇଚ ଟିପି ସେ ଫୋକସ୍ ଫିରି କଲା ସମୁଦ୍ର ଆଡ଼କୁ । ଗାଢ଼ ନୀଳ ରଙ୍ଗର ଆଲୋକ ଫେନେଇ ହୋଇ ପଡ଼ିଲା ସମୁଦ୍ରର ବିସ୍ତୀର୍ଣ୍ଣ ଜଳରାଶି ଉପରେ । ଥର ଥର କରି ସୁଇଚର ଲଗ୍ ଲଗ୍ ଟର୍ଚ୍ଚ ଜଳାଇ ଉସ୍‌ମାନ ପୁନର୍ବାର ବନ୍ଦ କରିଦେଲା ।

ଦେଖାଗଲା, ଷ୍ଟିମର ମଧ୍ୟରୁ ଠିକ ସେଇଭଳି ଏକ ଗାଢ଼ ନୀଳବର୍ଣ୍ଣର ଆଲୋକ ଧପ୍ ଧପ୍ କରି ସୁଇଚର ଜଳଉଠି ଲିଭିଗଲା । ତାପରେ ସବୁ ଚୁପ୍‌ଚାପ ।

କିଛିକ୍ଷଣ ପରେ ଷ୍ଟିମରଟି ଧୀରେ ଧୀରେ ଆସି ସେଇ ପଥର ନିକଟରେ ଅଟକିଲା । ରହେମନ୍ ଏବଂ ଉସମାନ୍ ଦୁହେଁ ଆଗେଇ ଆସିଲେ । ଷ୍ଟିମରର୍ ଡେକ ଉପରେ ଠିଆ ହୋଇଥିଲା ଜଣେ ବଳିଷ୍ଠ ବ୍ୟକ୍ତି । ଦେହରେ ନୀଳବର୍ଣ୍ଣର ମୂଲ୍ୟବାନ ସୁଟ୍ ।

ଜନ୍ତୁ ମୁଖମଣ୍ଡଳ ଷଣ୍ଢାକୃତି । କପାଳରେ ଗୋଟାଏ ଝଣ୍ଟ କଟା ଦାଗ । ଦେଖିବା ମାତ୍ରକେ ସାଧାରଣ ବ୍ୟକ୍ତି ହୃଦୟରେ ଭୟର ଉଦ୍ରେକ ହୁଏ ।

ଷ୍ଟେଜ୍‌ର ଶେଷ ପ୍ରାନ୍ତରେ ଠିଆହୋଇ ଲୋକଟି ପ୍ରଶ୍ନ କଲା— କୋଡ୍ ?

ରବିନସନ ଆଗେଇ ଆସିଲା । କହିଲା—ଗୋଲ୍ଡ଼ ସ୍ପଟ୍ ।

ଷ୍ଟିମର୍‌ରେ ଥିବା ଲୋକଟିର ମୁଖମଣ୍ଡଳ ଏଥର ସହଜ ହୋଇ ଆସିଲା । ନିଜର ହାତ ବଢ଼ାଇ ଦେଲା ରବିନସନ୍ ଆଡ଼କୁ । କର ମର୍ଦ୍ଦନ ପରେ ଲୋକଟି ହୁଇସିଲ ମାରିଲା ଭଳି ଶବ୍ଦକଲା । ପରକ୍ଷଣରେ ଏକ ଷଣ୍ଢାକୃତିର ନିଗ୍ରୋ କେବିନ୍ ଭିତରୁ ବାହାରି ଆସିଲା । ହାତରେ ତାର ଗୋଟାଏ ବଡ଼ ଧରଣର ବ୍ରିଫ୍‌କେସ ।

ବ୍ରିଫ୍‌କେଶ ବଢ଼ାଇ ଦେଲା ରବିନସନ ହାତକୁ । ରବିନସନ ତା ହାତରେ ଧରିଥିବା ବ୍ରିଫ୍‌କେସ୍ ବଢ଼ାଇଦେଲା ନିଗ୍ରୋ ହାତକୁ ।

ଠିକ ଏଇ ସମୟରେ···

ନିକଟରେ ଯେମିତି ବିଦ୍ୟୁତ ଚମକ ଉଠିଲା । ମୁହୂର୍ତ୍ତକ ପାଇଁ । ତା'ପରେ ସେଇ ଅନ୍ଧକାର । ସମସ୍ତେ ଚମକି ଉଠିଲେ । ଚଞ୍ଚଳ ହୋଇ ଉଠିଲେ ନିଶାଚର ଦଳ ।

ଷ୍ଟିମର ଭିତରକୁ ଫେରିଗଲା ନିଗ୍ରୋ । ପରକ୍ଷଣରେ ଷ୍ଟିମର ଆଗେଇ ଚାଲିଲା ସମୁଦ୍ର ଭିତରକୁ ।

ରବିନସନ ଏବଂ ଲୁସମାନ ବ୍ରିଫ୍‌କେସ୍ ଧରି ଥରେ ଚତୁର୍ଦ୍ଦିଗରେ ତୀକ୍ଷ୍ଣ ଦୃଷ୍ଟି ବୁଲାଇ ଆଣିଲେ । ତାପରେ ଦ୍ରୁତ ପଦରେ ଆଗେଇ ଗଲେ ଅଦୂରରେ ଥିବା ଝାଉଁବଣ ନିକଟକୁ ।

ପଥର ଆଡ଼୍ ଆଳରେ ବସିରହି ସବୁକିଛି ଲକ୍ଷ୍ୟ କରୁଥିଲା ରତନ । ଏଥର ଏମାନଙ୍କୁ ଯିବାର ଦେଖି ସେ ମଧ୍ୟ ଚଞ୍ଚଳ ହୋଇ ଉଠିଲା । ଫ୍ଲାସ କ୍ୟାମେରାକୁ ନିଜର ବ୍ୟାଗ୍ ମଧ୍ୟରେ ରଖିଦେଇ ଉଠି ଠିଆହେଲା ସେ । ତାପରେ ଦ୍ରୁତ ଅଥଚ ସତର୍କ ପଦରେ, ନିଜକୁ ଯଥା ସମ୍ଭବ ଆଡ଼୍ ଆଳରେ ରଖି ଦୁଇଜଣଙ୍କୁ ଅନୁସରଣ କରିବାକୁ ଲାଗିଲା ।

ଅନ୍ଧକାର ବେଶ୍ ଗାଢ଼ । ସେଥିପାଇଁ ଧରା ପଡ଼ିବାର ବିଶେଷ ସମ୍ଭାବନା ନଥିଲେ ମଧ୍ୟ ଅନୁସରଣ ନିମନ୍ତେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଥିଲା ରତନକୁ ।

ଝାଉଁବଣ ନିକଟରେ ପହଞ୍ଚିବା ପରେ ଗୋଟିଏ ସ୍ଥାନରେ ଅଟକିଗଲେ ରହେମାନ ଏବଂ ଉସ୍ମାନ । ନିକଟସ୍ଥ ଏକ ବୁଦା ଆଡ଼୍ ଆଳରେ ରହିଛି ଏକ ବୁଲେଟ୍ ମୋଟର ସାଇକେଲ । ରହେମନ ମଟର ସାଇକେଲ ଠେଲି ଠେଲି ନେଇ ଆସିଲା ରାସ୍ତା ଉପରକୁ । ଷ୍ଟାର୍ଟ ହେବା ପରେ ଦୁଇଜଣଙ୍କୁ ନେଇ ଖର ବେଗରେ ଛୁଟି ଚାଲିଲା ମୋଟର ବାଇକ୍ ।

ରତନ ଆଗେଇ ଆସିଲା ଝାଉଁବଣ ପାଖକୁ । ଗୋଟାଏ ଟିଳା ମୂଳରେ ଅନ୍ଧକାର ମଧ୍ୟରେ ତାର ମୋଟର ବାଇକ୍ ଥୁଆ ହୋଇଛି । ଆଉ କାଳ ବିଳମ୍ବ ନକରି ରତନ ମୋଟର ବାଇକ୍ ଷ୍ଟାର୍ଟ କରି ଛୁଟାଇ ଦେଲା ଆଗ ମୋଟର ବାଇକ୍ ପଛରେ ।

ହେଡ଼ଲାଇଟ୍ ରତନ ଜଳାଇଲା ନାହିଁ । ଅତ୍ୟନ୍ତ ସାବଧାନତା ସହକାରେ ସେ ପୂର୍ବର ମୋଟର ସାଇକେଲକୁ ସମାନ ଦୂରତ୍ୱ ବଜାୟ ରଖି ଅନୁସରଣ କରିବାକୁ ଲାଗିଲା ।

ହୋଟେଲ୍ ସମ୍ରାଟ ।

ସହରର ମଧ୍ୟସ୍ଥାନରେ ଅବସ୍ଥିତ ଏକ ପାଞ୍ଚତାରକା ବିଶିଷ୍ଟ ହୋଟେଲ । କେବଳ ଆଭିଜାତ ପରିବାର ଏବଂ ଧନୀକ ଗୋଷ୍ଠୀଙ୍କର ଏଇଠି ଆଗମନ ପୂର୍ବକ କରୁଥିଲେ ଅଭ୍ୟର୍ଥନା ଦେବନାହିଁ ।

ଏଠାରେ ଅର୍ଥ ବିନିମୟରେ ସବୁକିଛି ମିଳିପାରେ । ସରକାରୀ ସ୍ୱୀକୃତ ଏକ ଜୁଆ ଆଡ୍ଡା ମଧ୍ୟ ଏଇ ହୋଟେଲ ମଧ୍ୟରେ ରହିଛି ।

ଏକ କଥାରେ କହିବାକୁ ଗଲେ ହୋଟେଲ ସମ୍ରାଟ୍‌ରେ କେବଳ ଧନୀକ ଗୋଷ୍ଠୀଙ୍କ ବ୍ୟତୀତ ନିମ୍ନ ଶ୍ରେଣୀର ଦରିଦ୍ର ଲୋକଙ୍କର ପ୍ରବେଶ ନିଷେଧ । ହୋଟେଲର ଦ୍ୱିତୀୟ ମହଲା ଏବଂ ତୃତୀୟ ମହଲାରେ ପ୍ରାୟ ଶହେରୁ ବେଶୀ ଶୀତତାପ ନିୟନ୍ତ୍ରିତ କୋଠରୀ ରହିଛି । ବୋର୍ଡରମାନଙ୍କର ସମସ୍ତ ପ୍ରକାର ସୁଖ-ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ବିଶେଷ ଦୃଷ୍ଟି ଦିଆଯାଉଥିବାରୁ ହୋଟେଲରେ ବିଦେଶୀ ପର୍ଯ୍ୟଟକ-ମାନଙ୍କର ଭିଡ଼ ସବୁବେଳେ ଲାଗି ରହିଥାଏ ।

ସମ୍ରାଟ ହୋଟେଲର ଏକ କୋଠରୀ ଭଡ଼ା ନେଇ ଗତ କେଇଦିନ ହେବ ବାସ କରୁଛନ୍ତି ଆମର ପ୍ରିୟ ଏବଂ ପରିଚିତ ଦସ୍ୟୁ ରଞ୍ଜନ ଏବଂ ଦସ୍ୟୁ ରତନ । ଅବଶ୍ୟ ଏଠାରେ ଉଭୟଙ୍କର ଅନ୍ୟ ଏକ ପରିଚୟ ମଧ୍ୟ ରହିଛି । ତେବେ ଆମେ ଉଭୟଙ୍କୁ ପ୍ରକୃତ ନାମରେହିଁ ଡାକିବା ।

ସମୟ ସକାଳ ନଅଟା ।

ନିଜ ରୁମ୍‌ରେ ବସିରହି ଖବରକାଗଜ ଉପରେ ଆଖି ବୁଲାଇ ଦେଉଛି ରତନ । ପାଖରେ ଧୂମାୟିତ କଫି କପ । କିଛି ଦୂରରେ ଝରକା ନିକଟରେ ଏକ ସୋଫା ଉପରେ ବସିରହି ରଞ୍ଜନ

ଝରକା ଦେଇ ଚାହିଁଛି ବାହାରକୁ । ମନେହେଲା ଅବସ୍ଥା ଭଲରେ ସେ ଯେପରି କିଛି ଚିନ୍ତା କରୁଛି ।

ଏହି ସମୟରେ ଖବରକାଗଜ ରତନ ରଖିଦେଲା ଗୋଟାଏ ପାଖକୁ । ତାପରେ ସ୍ଥିର ଦୃଷ୍ଟିରେ ଚାହିଁଲା ରଞ୍ଜନ ଆଡ଼କୁ । ଅବଶ୍ୟ ଅବାକ୍ ହେଲା ନାହିଁ । କାରଣ ରଞ୍ଜନର ପ୍ରକୃତି ତାକୁ ବେଶ୍ ଜଣା । ସେ ଜାଣେ କୌଣସି ଜଟିଳ ରହସ୍ୟର ସମାଧାନ ସମୟରେ ରଞ୍ଜନ ଏଇଭଳି ଅନ୍ୟମନସ୍କ ହୋଇଉଠେ ।

ହଠାତ୍ ରଞ୍ଜନ ଯେମିତି ଚମକି ଉଠିଲା । ସେଇଠି ଠିଆ ହୋଇ ରତନ ଉଦ୍ଦେଶ୍ୟରେ କହିଲା—ଆଉଥରେ ସେଇ ଫଟୋ ଦେଲୁ, ରତନ !

ରତନ କ୍ଷିପ୍ର ହସ୍ତରେ ଟେବୁଲ ଡ୍ରୟାର ମଧ୍ୟରୁ ଫଟୋ ଖଣ୍ଡିଏ ବାହାର କରି ବଢ଼ାଇ ଦେଲା ରଞ୍ଜନ ହାତକୁ । ଏଇ ଫଟୋ ଗତକାଲି ରତନ ନିଜର ପ୍ରାଣ କ୍ୟାମେରାରେ ଉଠାଇଛି । ଉତ୍ପୀଡ଼ନ, ଅପମାନ, ତଥା ହତ୍ୟାକାରୀର ସେଇ ନିଷ୍ଠୁର ଏବଂ ଭୟଙ୍କର ବ୍ୟକ୍ତିର ଫଟୋ ଏଥିରେ ରହିଛି ।

ରଞ୍ଜନ ତୀକ୍ଷ୍ଣ ଦୃଷ୍ଟିରେ କିଛିକ୍ଷଣ ଚାହିଁ ରହିଲା ଫଟୋ ଆଡ଼କୁ । ଏହି ସମୟରେ ତାର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଆସିଲା । ଦୃଢ଼ କଣ୍ଠରେ ସେ କହି ଉଠିଲା—ହତ୍ୟାକାରୀ ଏଇ ଲୋକଟାକୁ ଚିହ୍ନିବା ନିମନ୍ତେ ମୋର ଏଥର କୌଣସି ଅସୁବିଧା ନାହିଁ । ଠିକ୍ ଚିହ୍ନି ପାରିଛି ।

ରତନ ଚାହିଁଲା ରଞ୍ଜନ ଆଡ଼କୁ ।

ରଞ୍ଜନ କହି ଚାଲିଲା—ଲୋକଟାର ନାଁ ଡ୍ୟାଣ୍ଡ ମନ୍‌ସନ୍ । କୁଖ୍ୟାତ ସ୍ମଗଲର୍ । ବହୁ ଦେଶର ପୋଲିସ ଖୋଜି ବୁଲୁଛନ୍ତି ଏଇ ଲୋକଟାକୁ, ସାବାସ୍ ରତନ !

ରତନ କୌଣସି ଉତ୍ତର ଦେଲନାହିଁ । ମୁଣ୍ଡ ତଳକୁ ପୋତି ସେ କଣ ଚିନ୍ତାକଲା ।

ରଞ୍ଜନ ଫଟୋ ଖଣ୍ଡିକୁ ପୁନର୍ବାର ଡ୍ରୟାର ଭିତରେ ରଖି ଦେଇ ପଚାରିଲା—ସେଇ ମଟର ସାଇକେଲରେ ଯାଉଥିବା ଲୋକ ଦୁଇଟାଙ୍କ ଆକୃତି କୁ ଦେଖି ଅଛିଟୁ ନୂହେଁ ?

—ହଁ ।

ରଞ୍ଜନ କହିଲା—ଠିକ୍ ଅଛି । ଅନ୍ତତଃ ସେଇ ସୂତ୍ର ଧରି ଆମକୁ ଅଗେଇବାକୁ ହେବ । ନେପାଳ ଦେଇ ବହୁପଥ ଘୂରି ଘୂରି ଆମ ଦେଶକୁ ଏଇ ସୁନା ସ୍ମଗଲ୍ ହୋଇ ଆସୁଛି ବ ଦେଶରୁ । କିନ୍ତୁ ଗୋଟାଏ କଥା ମୁଁ ବୁଝିପାରୁନି, ସୀମାନ୍ତରେ ଏତେ କଡ଼ା ପ୍ରହରୀ ସତ୍ତ୍ୱେ ବ' ଏଇ ମାଲ୍ ସ୍ମଗଲ୍ ହେଉଛି କେମିତି ?

ରତନ କହିଲା—ସେଇକଥା ମୁଁ ବ' ଭାବୁଛି ଭାଇ ! ମୋର ମନେ ହେଉଛି ଏଥିରେ କେଇଜଣ ଅଫିସର ନିଶ୍ଚୟ ସମ୍ପୃକ୍ତ ଅଛନ୍ତି । ତା ନହେଲେ...

ରଞ୍ଜନ କୌଣସି ଉତ୍ତର ଦେଲ ନାହିଁ । କିଛିକ୍ଷଣ ନୀରବ ରହିବା ପରେ କହିଲା—ସେ ସମ୍ପର୍କରେ ଆମକୁ ଅନୁସନ୍ଧାନ କରି ଦେଖିବାକୁ ହେବ ରତନ ! ଅଚ୍ଛା, ତୁ ଗୋଟାଏ କାମ କର । ଏଇ ଲୋକ ଦୁଇଜଣଙ୍କ ଉପରେ ଦୃଷ୍ଟି ରଖ ।

—ଠିକ୍ ଅଛି, ଭାଇ !

—ଆଉ ଗୋଟାଏ କଥା । ଏଇ ଦ୍ୟାଲ ଜନସନ୍ ଲୋକଟି ଖୁବ୍ ଧୂର୍ତ୍ତ ଏବଂ ଭୟଙ୍କର । ତା' ସହିତ ଟକ୍କର ଦେବାକୁ ହେଲେ ପ୍ରତି ପଦେ ପଦେ ବିପଦର ସମ୍ଭାବନା ରହିଛି । ତେଣୁ ସବୁବେଳେ ସଜାଗ ରହିବୁ ।

ରତନ ମୃଦୁ ହସି କହିଲା—ତୁମ ଆଶୀର୍ବାଦରୁ ମୁଁ ସବୁ ବିପଦ ଦୂର କରିପାରିବି, ସାର ! ଆପଣ ମୋ ଉପରେ ବିଶ୍ୱାସ ରଖନ୍ତୁ ।

ରଞ୍ଜନ ଓଠରେ ହସ ଫୁଟିଉଠିଲା । ଆଖିରେ ତାର ମମତାର ଚିହ୍ନ ସୁସ୍ପଷ୍ଟ ହୋଇ ଉଠିଲା ।

ଉଠି ଠିଆହେଲା ରତନ ।

ତାପରେ ଧୀର ପଦରେ ବାହାରିଗଲା ବାହାରକୁ । ରତନ ଯିବା ପରେ ସୋଫା ଉପରେ ବସିରହି କିଛିକ୍ଷଣ ନୀରବରେ କଣ ଚିନ୍ତାକଲା ରଞ୍ଜନ । ଉଠି ଆସିଲା ଟେଲିଫୋନ ନିକଟକୁ ।

ରିସିଭର ଉଠାଇ ନେଇ କାହାର ନମ୍ବର ଡାଏଲ୍ କଲା । ସ୍ୱଳ୍ପ କଣ୍ଠରେ କିଛି ସମୟ କଥାବାର୍ତ୍ତା କରିବା ପରେ ପୁନର୍ବାର ରିସିଭର୍ ରଖିଦେଲା କ୍ରେଡ଼ଲ ଉପରେ । ତାପରେ ପୋଷାକ ପିନ୍ଧି ନିଜକୁ ପ୍ରସ୍ତୁତ କରିନେଇ ବାହାରି ଆସିଲା ବାହାରକୁ ।

ପାହାଚ ଡେଇ ରଞ୍ଜନ ତଳକୁ ଓହ୍ଲାଇ ଆସିଲା । ଡାଇନିଂ ହଲ୍‌ରେ ପାଦ ଦେଲା ସେ । ହଲ୍ ମଧ୍ୟରେ ବସିରହି କେତେଜଣ ନିଜର ପ୍ରାତଃରାଶ ଗ୍ରହଣ କରିବାରେ ବ୍ୟସ୍ତ । କେହି କେହି କଫି ପାନରେ ନିମଗ୍ନ । କେହିଅବା ପରସ୍ପର ମଧ୍ୟରେ ଆଲୋଚନାରତ ।

ରଞ୍ଜନ ହଲ୍ ମଧ୍ୟରେ ପଶିଲା ନାହିଁ । ଧୀର ପଦରେ ମୁଖ୍ୟ ଦ୍ୱାର ଆଡ଼େ ଆଗେଇ ଗଲା । ହଲ୍‌ର କୋଣକୁ ଥିବା ଟେବୁଲରେ ବସିଥିଲା ଜଣେ ବିଦେଶୀ ଯୁବକ । ବୋଧହୁଏ ପର୍ଯ୍ୟଟକ । ବସିରହି କଫିପାନ କରିବା ସଙ୍ଗେ ସଙ୍ଗେ ଚତୁର୍ଦ୍ଦିଗରେ ତୀକ୍ଷ୍ଣ ଦୃଷ୍ଟି ଘୂରାଇ ଆଣୁଥିଲା ସେ ।

ରଞ୍ଜନକୁ ହୋଟେଲର ମୁଖ୍ୟ ଦରଜା ଦେଇ ବାହାରକୁ ଯିବାର ଦେଖି କ୍ଷିପ୍ର ବେଗରେ ସେ ଉଠି ଠିଆହେଲା । ତାପରେ

ଦ୍ରୁତ ବେଗରେ ଆଗେଇ ଗଲା ସଦର ଦରଜା ଆଡ଼କୁ । ଦେଖିଲା ରଞ୍ଜନ ଏକ କଳାରଙ୍ଗର ଅମ୍ବାସାଡ଼ର୍ ଭିତରେ ବସୁଛି ।

ବିଦେଶୀ ବ୍ୟକ୍ତି ଆଉ କାଳ ବିଳମ୍ବ ନକରି ପାର୍କିଂ ସେଡ଼ ଆଡ଼କୁ ଆଗେଇ ଗଲା । ନିକଟରେ ରଖା ହୋଇଛି ଗୋଟାଏ ନୂଆ ମଡ଼େଲ୍‌ର ବିଦେଶୀ କାର୍ । ଦରଜା ଲକ୍ ଖୋଲି ବିଦେଶୀ ଜଣକ ଆସି ବସିଲା ଭିତରେ ।

କାର୍ ଷ୍ଟାର୍ଟ ହୋଇ ଆଗେଇ ଗଲା ରାସ୍ତା ଉପରକୁ । ତାପରେ ଅନୁସରଣ କରିବାକୁ ଲାଗିଲା ରଞ୍ଜନର କଳା ଅମ୍ବାସାଡ଼ରକୁ । ବିଦେଶୀ ଜଣକ ଯେ ଅନୁସରଣ କରିବାରେ ଅତ୍ୟନ୍ତ ଦକ୍ଷ ଏକଥା ଯେ କେହି ଦେଖିଲେ ବୁଝିପାରିବ ।

ଅମ୍ବାସାଡ଼ରରେ ବସିରହି ବ୍ୟାକ୍ ମିରର୍ ଦେଇ ପଛକୁ ଲକ୍ଷିଲା ରତନ । ହଲ୍ ମଧ୍ୟରୁ ସେ ଆସିବା ପରେ ବିଦେଶୀ ବ୍ୟକ୍ତିର ସମସ୍ତ କାର୍ଯ୍ୟକଳାପ ତାର ଦୃଷ୍ଟି ଏଡ଼ାଇ ନାହିଁ । ପରେ ପଛରେ ଆସୁଥିବା ବିଦେଶୀ କାର୍ ଆଡ଼େ ଲକ୍ଷି ନିଜ କାରର ବେଗ ବଢ଼ାଇ ଦେଲା ରଞ୍ଜନ । ଓଠ ପ୍ରାନ୍ତରେ ଧୀରେ ରହସ୍ୟମୟ ହସ ଫୁଟି ଉଠି ମିଳାଇଗଲା ।

ଜୀପ୍‌ଟି ଆସି ଥମିଗଲା ଭବନମଣ୍ଡଳରେ ।

ବାହାରକୁ ବାହାରି ଆସିଲେ ବିଜୟବାବୁ । ସାମନାରେ ଆଇ. ଜି. ସାହେବଙ୍କ ଅଫିସ । ଜଣେ ସେଣ୍ଟ୍ରୀ ରାଇଫଲ୍ ହାତରେ ଠିଆ ହୋଇଛି ।

ବଜପୁବାବୁ ଦ୍ରୁତପଦରେ ଆଗେଇଗଲେ ସେଇ ଅଞ୍ଚଳକୁ । ସେଣ୍ଟ୍ରୀ ଜଣକ ଆଟେନ୍‌ସନ୍ ହୋଇ ସାଲ୍ୟୁଟ୍ ଦେଲା । ତାପରେ ନମ୍ର କଣ୍ଠରେ କହିଲା—ଆପଣଙ୍କୁ ସାହେବ ଅପେକ୍ଷା କରିଛନ୍ତି ।

ବଜପୁବାବୁ କୌଣସି ଉତ୍ତର ନଦେଇ ଭିତରେ ପ୍ରବେଶ କଲେ । ଅଫିସର ପ୍ରତ୍ୟେକ କର୍ମଚାରୀ ଜାଣନ୍ତି ଆଇ: ଜି: ସାହେବଙ୍କ ନିକଟକୁ ଯିବା ନିମନ୍ତେ ବଜପୁବାବୁଙ୍କର କୌଣସି ଅନୁମତି ଦରକାର ହୁଏନା ।

ଭିତରେ ପାଦଦେଇ ଚମକି ଉଠିଲେ ବଜପୁବାବୁ । କୋଠରୀ ଭିତର ଧୂଆଁରେ ପୂର୍ଣ୍ଣ । କିନ୍ତୁ ସମସ୍ତ ସ୍ଥିର ଭାବେ ସ୍ପଷ୍ଟ ରୂପେ ବଜପୁବାବୁ ଦେଖିଲେ ଆଇ: ଜି: ସାହେବ ବସି ରହିଛନ୍ତି ନିଜ ଚେୟାର ଉପରେ । ସାମନାରେ ବିରାଟ ସେକ୍ରେଟେରିଏଟ୍ ଟେବୁଲ ।

ଆଇ: ଜି: ସାହେବଙ୍କ ମୁହଁରେ ପାଇପ୍ । ଛାତ ଉପରକୁ ଚାହିଁ ରହିଛନ୍ତି ସେ । ମଝିରେ ମଝିରେ ଘନ ଘନ ଟାଣ ଦେଉଛନ୍ତି ପାଇପରେ । ମନେହେଲା କୌଣସି ବିଷୟ ନେଇ ସେ ଗଭୀର ଭାବେ ଚିନ୍ତାମଗ୍ନ ।

ବଜପୁବାବୁ ପାଖରେ ଆସି ଠିଆହେଲେ । ଧୀର କଣ୍ଠରେ ଡାକିଲେ—ସାର !

ଆଇ: ଜି: ସାହେବଙ୍କ ଚିନ୍ତାଧାରା ଛିନ୍ନହେଲା । ସେ ଉଠି କହିଲେ—କିଏ ? ଓ ବଜପୁବାବୁ । ବସନ୍ତୁ ମୁଁ ଆପଣଙ୍କର ପ୍ରତୀକ୍ଷାରେ ଥିଲି ।

ବଜପୁବାବୁ ଅତ୍ୟନ୍ତ ସନ୍ତର୍ପଣରେ ଚେୟାର ଉପରେ ବସିଲେ । ଚାହିଁ ରହିଲେ ଆଇ: ଜି:ଙ୍କ ଆଡ଼କୁ ।

କିଛିକ୍ଷଣର ନୀରବତା ପରେ ଆଇ:ଜି: ସାହେବ କହିଲେ—ଗୋଟାଏ ଜରୁରୀ ଆଲୋଚନା ପାଇଁ ଆପଣଙ୍କୁ ଡ଼ାକିଥିଲି ବଜପୁ

ବାବୁ । ସମ୍ପ୍ରତି ଆମ ରାଜ୍ୟରେ ସ୍ମଗ୍‌ଲିଂ କାରବାର ଏତେ ଅଧିକ ପରିମାଣରେ ବୃଦ୍ଧି ପାଇଛି ଯେ ଆଉ ତାକୁ ଆୟତ୍ତାଧୀନ କରିବା ଅସମ୍ଭବ ହୋଇ ଉଠୁଛି । ସୂଚନା ମିଳୁଛି, ନେପାଳ ଦେଇ ସୀମା ପଥରେ ଆମ ଦେଶକୁ ଆସୁଛି ବିଦେଶରୁ ବସ୍ତ୍ର ସୁନା, ଜାଲ ନୋଟ୍ ଏବଂ ଅନ୍ୟାନ୍ୟ ଦ୍ରବ୍ୟ । ହେଲେ ବହୁ ଚେଷ୍ଟା ପରେ ମଧ୍ୟ ପୋଲିସବାହିନୀ ଏ ସମ୍ପର୍କରେ କୌଣସି ପ୍ରତିକାର ବ୍ୟବସ୍ଥା କରିବାକୁ ଅକ୍ଷମ ହୋଇ ପଡ଼ୁଛନ୍ତି ।

ବିଜୟବାବୁ ପ୍ରଶ୍ନକଲେ—କିନ୍ତୁ ସାର୍‌, ଏପର୍ଯ୍ୟନ୍ତ କଣ କୌଣସି ସୂତ୍ର···

ଆଇ: ଜି: ସାହେବ ତାଙ୍କ କଥାରେ ବାଧାଦେଇ କହିଲେ—ସୂତ୍ର ନୁହେଁ ବିଜୟବାବୁ । ସ୍ମଗ୍‌ଲିଂ ଗ୍ୟାଙ୍ଗର କେଇଜଣ ସଦସ୍ୟଙ୍କୁ କେଇଥର ଗ୍ରେପ୍ତାର କରାଯାଇଥିଲା । କିନ୍ତୁ, ସବୁ ଉଦ୍ୟମ ବୃଥା ହେଲା । ଗ୍ରେପ୍ତାର କରିବା ସଙ୍ଗେ ସଙ୍ଗେ ସେମାନେ ଆତ୍ମହତ୍ୟା କରିଛନ୍ତି ।

କଥାସାରି ଆଇ: ଜି: ସାହେବ ପାଇପରେ ଆଉ କେଇଥର ଟାଣ ଦେଲେ । ତାପରେ ଧୂଆଁ ଛାଡ଼ି କହିଲେ—ମୋର ଅନୁମାନ କେତେକ ବିଦେଶୀ ଶତ୍ରୁରାଷ୍ଟ୍ର ଏଥିପାଇଁ ସ୍ମଗ୍‌ଲର୍‌, ଗ୍ୟାଙ୍ଗକୁ ସାହାଯ୍ୟ ଦେଉଛନ୍ତି ।

ବିଜୟବାବୁ ନୀରବରେ ଆଇ: ଜି: ସାହେବଙ୍କ କଥା ଶୁଣୁଥିଲେ ।

ଆଇ: ଜି: ସାହେବ କହି ଚାଲିଲେ—ଏଇ କେସ୍‌ର ଦାୟିତ୍ୱ ମୁଁ ଆପଣଙ୍କ ଉପରେ ନ୍ୟସ୍ତ କରିବାକୁ ଚାହେଁ ବିଜୟବାବୁ ! ସେଥିପାଇଁ ଆପଣଙ୍କୁ ଡ଼କାଇ ପଠାଇଛି । ଉପରୁ ସେଣ୍ଟ୍ରାଲ ସର

ପଡ଼ୁଛି ସେଥିରେ ଏଭ ଗୁରୁଦାୟିତ୍ୱ ଅନ୍ୟ କାହା ଉପରେ ଦେବା ପାଇଁ ମୁଁ ଉଚିତ ମନେ କରୁନ ।

ବଜପୁବାବୁ କହିଲେ—ମୋର କୌଣସି ଆପତ୍ତି ନାହିଁ, ସାର୍ ! ଆପଣଙ୍କ ଆଦେଶ ପାଳନ କରିବାକୁ ମୁଁ ସବଦା ପ୍ରସ୍ତୁତ ।

ଆଇ: ଜି: ସାହେବ ମୃଦୁ ହସି ଉତ୍ତର ଦେଲେ—ଆପଣଙ୍କ ପରି ସୁଦକ୍ଷ ଅଫିସରଙ୍କ ନିକଟରୁ ମୁଁ ସେଇ କଥାହିଁ ଆଶା କରୁଥିଲି ବଜପୁବାବୁ ।

ତତ୍ପରେ ଆଇ.ଜି: ଟେବୁଲ ଉପରେ ଥିବା ଗୋଟାଏ ଫାଇଲ ବଢ଼ାଇ ଦେଇ କହିଲେ—ଏଇ ଫାଇଲ୍ ଆପଣ ନେଇ ଦେଖନ୍ତୁ । ଏଇ କେସ ସମ୍ପର୍କରେ ପୋଲିସ ପକ୍ଷରୁ ସଂଗୃହୀତ ସମସ୍ତ ବିବରଣୀ ରହିଛି । ହଁ, ଆପଣଙ୍କୁ ଏ କେସ ନେଇ ଅନ୍ୟ ରାଜ୍ୟକୁ ମଧ୍ୟ ଯିବାକୁ ହୋଇପାରେ । ସେଥିଲାଗି ମୁଁ ସ୍ପେଶାଲ ପରମିଶନର ବ୍ୟବସ୍ଥା କରୁଛି ।

ତତ୍ପରେ ସେ ପାଇପରେ ଟାଣ ଦେବାକୁ ଲାଗିଲେ । ବଜପୁ ବାବୁ ବୁଝିପାରିଲେ ତାଙ୍କର ସାକ୍ଷାତ ଶେଷ ହୋଇଛି । ଉଠି ଠିଆ ହେଲେ ସେ । ଫାଇଲ ହାତରେ ଧରି ଅଭିବାଦନ କରି ସେ ବାହାରି ଆସିଲେ ବାହାରକୁ ।

ବଜପୁବାବୁଙ୍କ ମନରେ ଚିନ୍ତାର ଝଡ଼ ଉଠିଛି । ଧୀର ପଦରେ ଅଫିସ ବାହାରେ ଆସି ଠିଆ ହେଲେ ସେ । ତାପରେ କିଛି ଚିନ୍ତାକରି ଦ୍ରୁତପଦରେ ବାହାରି ଆସିଲେ ଅଙ୍ଗାଳିକା ବାହାରକୁ ।

ପୋର୍ଟିକୋରେ ତାଙ୍କର ଫିଅଟ୍ କାର୍‌ଟି ଠିଆହୋଇ ରହିଛି । ବଜପୁବାବୁ ସେଇ ଆଡ଼କୁ ଆଗେଇଗଲେ । କାର୍ ନିକଟରେ ପହଞ୍ଚି ଦରଜା ଖୋଲି ସେ ବସିଲେ ଡ୍ରାଇଭିଂ ସିଟ୍‌ରେ । ଫାଇଲ ରଖିଦେଲେ ପାଖରେ ।

ଆଉ ଠିକ ଏଇ ସମୟରେ ଆଖିରେ ପଡ଼ିଲା ସେଇ ଜିନିଷଟି । ସୁନେଲି ରଙ୍ଗର ଏକ ଲଫାପା । ଉପରେ ବିଜୟବାବୁଙ୍କ ନାମ ଲେଖା ହୋଇଛି ।

ଅବାକ୍ ହେଲେ ବିଜୟବାବୁ । ବନ୍ଦ କାରୁ ଭିତରେ ଏଇ ଲଫାପା ପୁଣି କିଏ ଆଣି ରଖି ଦେଇଗଲା ? ବିସ୍ମିତ ଦୃଷ୍ଟି ଚୋଳ ଲଫାପାଟିକୁ ଉଠାଇ ଆଣିଲେ ସେ । ତହିଁ ଭିତରୁ ବାହାର କରି ଆଣିଲେ ଖଣ୍ଡିଏ ମୋଟା କାଗଜ ।

କାଗଜଟିରେ ସୁନେଲି ରଙ୍ଗରେ ଟାଇପ୍ କରା ହୋଇଛି । ଚିଠିଟିଏ ଏଠି । ବିଜୟବାବୁ ଥରେ ଲଫାପା ଉପରେ ଆଖି ବୁଲାଇ ଆଣିଲେ । ନା; ପ୍ରେରକର କୌଣସି ନାମ ଠିକଣା ନାହିଁ ।

ଏଥର ସେ ଚିଠି ଖଣ୍ଡିକୁ ପଢ଼ିବାକୁ ଆରମ୍ଭ କଲେ । ସୁନେଲି ରଙ୍ଗର ଇଂରେଜୀ ଅକ୍ଷର । ଚିଠିଟିର ଓଡ଼ିଆ ଅନୁବାଦ ନିମ୍ନରେ ପ୍ରକାଶ କରାଗଲା—

ମିଷ୍ଟର ବିଜୟ !

ଜୀବନ ସମସ୍ତଙ୍କର ପ୍ରିୟ । ତେଣୁ ଜାଣି ଜାଣି ନିଜ ଜୀବନର ପ୍ରିୟ ବସ୍ତୁକୁ ହରେଇ ବସିବେ କାହିଁକି ? ସାବଧାନ ! ସ୍କାଇଲାର୍ଂର ଯେଉଁ କେସ ଆପଣ ହାତକୁ ନେଇଛନ୍ତି ତାକୁ ଶିଘ୍ର ଆଇ: ଜି: ଙ୍କୁ ଫେରସ୍ତ ଦିଅନ୍ତୁ । ଅବଶ୍ୟ ଏଇ କାର୍ଯ୍ୟର ପ୍ରତିଦାନରେ ଆମେ ଆପଣଙ୍କୁ ପଚାଶ ହଜାର ଟଙ୍କା ଦେବାପାଇଁ ପ୍ରସ୍ତୁତ । ଆମର ନିର୍ଦ୍ଦେଶ ଅମାନ୍ୟ କଲେ ଏକମାତ୍ର ଶାସ୍ତି—ମୃତ୍ୟୁ । । ଇତି ।

'ଆପଣଙ୍କର ଜଣେ ଶୁଭକାଂକ୍ଷୀ'

ଚିଠି ଖଣ୍ଡିକ ପଢ଼ିସାରି ଲଫାପା ଭିତରେ ରଖିଦେଲେ ବିଜୟବାବୁ । ମୁଖମଣ୍ଡଳରେ ଚିନ୍ତାର ଚିହ୍ନ ସୁସ୍ପଷ୍ଟ ହୋଇ ଉଠିଲା । ମାତ୍ର ପରକ୍ଷଣରେ ସେଇ ଚିନ୍ତାର ବନ୍ଧି ପରିବର୍ତ୍ତିତ ହେଲା

ଦୃଢ଼ଭାବରେ । ମନେ ମନେ ଭଣ ନିଶ୍ଚିତ କରିନେଲେ ଭଜପୁ ବାବୁ ।

କେଇ ସେକେଣ୍ଡ ପରେ ଦେଖାଗଲା ଭଜପୁବାବୁଙ୍କ ପିଅଟ କାର୍ ଗାରବେଜରେ ଛୁଟି ଚାଲିଛି ତାଙ୍କର ଗୃହ ଅଭିମୁଖେ ।

ହୋଟେଲ ସି-ଭ୍ୟୁ ।

ବନ୍ଦର ନିକଟରେ ଏଇଟି ଅତ୍ୟନ୍ତ ଆଧୁନିକ ଏବଂ ଅଭିଜାତ ହୋଟେଲ । ତିନିଟି ତଳ ମହଲା ଅଟ୍ଟାଳିକା । ଅର୍ଥ ବିନିମୟରେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଏଠାରେ ସବୁକିଛି କ୍ରୟ କରିବାକୁ ମିଳେ । ଏଠାର ସୁରା, ଜୁଆ ଇତ୍ୟାଦିର କାରବାର ଅବାଧ । ତା ଅର୍ଥ ସରକାରଙ୍କ ଅନୁମତି ପ୍ରାପ୍ତ ।

ହୋଟେଲଟି ସବୁଦିନ ସବୁବେଳେ ଖୋଲା । ଜାହାଜର ନାବିକ ଏବଂ ବିଦେଶାଗତ ଯାତ୍ରୀମାନଙ୍କ ନିମନ୍ତେ ଏଇ ହୋଟେଲ ଯେମିତି ସୁଖ-ସ୍ୱାଚ୍ଛନ୍ଦ୍ୟର ସ୍ୱର୍ଗ । ତେଣୁ ଅଧିକାଂଶ ସମୟରେ ଏଠାରେ ନାବିକମାନଙ୍କର ଭିଡ଼ ଲାଗି ରହିଥାଏ ।

ହୋଟେଲର ତଳ ମହଲାରେ ଡାଇନିଂ ହଲ ଇତ୍ୟାଦି ରହିଛି । ଦ୍ୱିତୀୟ ମହଲାରେ ଯାତ୍ରୀମାନଙ୍କର ରହିବା ପାଇଁ କେତେ ଗୁଡ଼ିଏ କୋଠରୀ । ତୃତୀୟ ମହଲାଟି ହୋଟେଲର ମାଲିକ, ମ୍ୟାନେଜର ପ୍ରଭୃତିଙ୍କ ପାଇଁ ଉଦ୍ଦିଷ୍ଟ ।

ହୋଟେଲ ସି-ଭ୍ୟୁର ମାଲିକ ଜଣେ ଆଂଗ୍ଲୋଇଣ୍ଡିଆନ । ନାମ ଜନ୍ ଫ୍ରେଡେରିକ । ବଂଶାନୁକ୍ରମେ ସେ ଅବଶ୍ୟ ଏଠାରେ

ବସବାସ କରି ଆସୁଛନ୍ତି । ବିପତ୍ନୀକ । ଏକମାତ୍ର କନ୍ୟା ଲିଲି । ଲିଲି ସୁବଶ୍ରୀ । ଶିକ୍ଷିତା । ପିତାଙ୍କୁ ଅନେକ ସମୟରେ ହୋଟେଲ ପରିଚାଳନାରେ ସାହାଯ୍ୟ କରେ ।

ମିଷ୍ଟର ଜନ୍ ଜଣେ ଧର୍ମପରାୟଣ ବ୍ୟକ୍ତି । ଜଣେ ବଦାନ୍ୟ ବ୍ୟକ୍ତି ଭାବରେ ସେ ସମାଜରେ ପ୍ରତିଷ୍ଠିତ ।

ହୋଟେଲ ସି-ଭ୍ୟୁ ପ୍ରତିଷ୍ଠା କରିଛନ୍ତି ଆଜକୁ ପ୍ରାୟ ପାଞ୍ଚ-ଛଅ ବର୍ଷ ହେବ । ଆଜି ଦିନୋଟି ହୋଟେଲ ମଧ୍ୟ ତାଙ୍କର [illegible] ସଜ୍ୟରେ ରହିଛି ।

ସେଥି ନିମନ୍ତେ ମିଷ୍ଟର ଜନ୍‌ଙ୍କୁ ଅନେକ ସମୟରେ ବାହାରେ ରହିବାକୁ ହୋଇଥାଏ । ତାଙ୍କର ଅନୁପସ୍ଥିତ ସମୟରେ ଲିଲି ସମସ୍ତ ଦେଖାଶୁଣା କରିଥାଏ ।

ରାତି ପ୍ରାୟ ଏଗାରଟା ।

ବାହାରର ଜନକୋଳାହଳ କିଛିଟା ଥମି ଆସିଲାଣି । ଭିଡ଼ ଆଉ ପ୍ରାୟ ନାହିଁ କହିଲେ ଚଳେ । ରାସ୍ତାଘାଟ ମଧ୍ୟ ନିର୍ଜନ ହୋଇ ଆସିଛି ।

ହେଲେ ହୋଟେଲ ସି-ଭ୍ୟୁ ଖୋଲା ରହିଛି । ଅବଶ୍ୟ ଗ୍ରାହକଙ୍କ ଭିଡ଼ ଅନେକାଂଶରେ କମି ଯାଇଛି । ଘଣ୍ଟାଏ ପୂର୍ବରୁ କ୍ୟାବାରେ ଶେଷ ହୋଇଥିଲା । ତେଣୁ ଅସ୍ଥାୟୀ ଗ୍ରାହକଙ୍କ ଭିଡ଼ କମି ଯିବାଟା ସ୍ୱାଭାବିକ । ତେବେ ଡାଇନିଂ ହଲରେ ଏ ପର୍ଯ୍ୟନ୍ତ ଅନେକ ଗ୍ରାହକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜାହାଜର ନାବିକ ।

ବିରାଟ ଡାଇନିଂ ହଲ । ଅନେକ ଟେବୁଲ ବର୍ତ୍ତମାନ ଖାଲି । ସଲଗ୍ନ ବାର୍ । ଦେଖାଗଲା, କେଇଜଣ ବସି ବସି ସୁରାପାନ କରିବାରେ ବ୍ୟସ୍ତ । ଆଉ କେତେଜଣ ଖାଉଛନ୍ତି ।

ଗୋଟାଏ କୋଣକୁ ଥିବା ଟେବୁଲ ନିକଟରେ ବସିଛି ଜଣେ ପଞ୍ଜାବୀ ଯୁବକ । ସାମନାରେ ହ୍ୱିସ୍କି ଗ୍ଲାସ । ମଝିରେ ମଝିରେ ଗ୍ଲାସ ଉଠାଇ ଓଠରେ ଛୁଆଁଇ ଟେବୁଲ ଉପରେ ରଖି ଦେଉଛି ସେ ।

ମାତ୍ର ଭଲଭାବରେ ଲକ୍ଷ୍ୟ କଲେ ଦେଖାଯିବ । ଯୁବକଟି ପ୍ରକୃତରେ ହ୍ୱିସ୍କି ପାନ କରୁନାହିଁ । କେବଳ ପାନ କରିବାର ଏବଂ ମାତାଲ ହୋଇ ପଡ଼ିଯିବାର ଛଳନା କରୁଛି ।

ଏହି ଯୁବକଟିର ପ୍ରକୃତ ପରିଚୟ କିନ୍ତୁ ଆମର ପାଠକ-ପାଠିକାଙ୍କ ନିକଟରେ ଅଜଣା ନୁହେଁ । ସେ ଆମର ପରିଚିତ ଦସ୍ୟୁ ରଞ୍ଜନ ବ୍ୟତୀତ ଅନ୍ୟ କେହି ନୁହେଁ ।

ପ୍ରାୟ ଘଣ୍ଟାଏ ହେବ ଏହି ଡାଇନିଂ ହଲରେ ବସିରହିଛି ସେ । ଇତିମଧ୍ୟରେ ଗ୍ଲାସେ ହ୍ୱିସ୍କି ଅର୍ଡର ଦେଇଛି । ଅବଶ୍ୟ ସବୁତକ ସେ ଢାଳି ଦେଇଛି ଫ୍ଲାୱର୍ ବେସିନରେ । ଆଉ ବର୍ତ୍ତମାନ ପଞ୍ଚମଥର ଖାଲି ହ୍ୱିସ୍କି ଗ୍ଲାସ ଧରି ପିଇବାର ଛଳନା କରୁଛି ।

କିନ୍ତୁ ସେଥି ସଙ୍ଗେ ସଙ୍ଗେ ବାରମ୍ବାର ତାର ଆଖି ବୁଲି ଆସୁଛି ହଲ୍ ଭିତରେ । ସ୍ଥିର ଦୃଷ୍ଟିରେ ସେ କିଛି ସମୟ ପର୍ଯ୍ୟନ୍ତ ଚାହିଁ ରହୁଛି ଦରଜା ଆଡ଼େ ।

ହଲ ମଧ୍ୟରୁ ଜଣ ଜଣ କରି ଗ୍ରାହକମାନେ ଚାଲି ଗଲେଣି । ଆଉ ମାତ୍ର ତିନି ଚାରିଜଣ ବସିରହି ସୁରାପାନରେ ବ୍ୟସ୍ତ । ହଠାତ୍ ଚମକି ଉଠିଲା ରଞ୍ଜନ । ଦୃଷ୍ଟି ତାର ନିବଦ୍ଧ ହେଲା ହଲର ମୁଖ୍ୟ ଦ୍ୱାର ଉପରେ ।

ଧୀର ପଦରେ ଭିତରକୁ ଆସୁଛି ଜଣେ ଦୀର୍ଘଦେହୀ ବ୍ୟକ୍ତି । ଦେହରେ ମୂଲ୍ୟବାନ ପୋଷାକ । ଆଖିରେ ସୁନା ଫ୍ରେମର ଚଷମା । ମୁହଁରେ ଫ୍ରେଞ୍ଚକଟ୍ ଦାଢ଼ୀ । ଆଗନ୍ତୁକ ଆଗେଇ ଆସି ଗୋଟିଏ ଟେବୁଲ ନିକଟରେ ବସି ପଡ଼ିଲା ।

ଓ୍ୱେଟର ଆସି ଠିଆହେଲା ପାଖରେ । ହ୍ୱିସ୍କିର ଅର୍ଡ଼ର ହେଲା ଆଗନ୍ତୁକ । ଅଳ୍ପକ୍ଷଣ ପରେ ଓ୍ୱେଟର ହ୍ୱିସ୍କି ଗ୍ଲାସ ଆଣି ସାମନାରେ ରଖି ଦେଇଗଲା । ଆରାମରେ ବସିରହି ହ୍ୱିସ୍କି ପାନ କଲା ସେ ।

ତା'ପରେ ଖାଲି ଗ୍ଲାସ ରଖିଦେଲା ଟେବୁଲ ଉପରେ । ଉଠି ଠିଆହେଲା । ଧୀର ପଦରେ ଆଗେଇ ଗଲା କାଉଣ୍ଟର ନିକଟକୁ । କାଉଣ୍ଟରର ତୂର୍ଣ୍ଣ ଯୁବତୀ ସହିତ ନମ୍ର କଣ୍ଠରେ କଣ କଥାବାର୍ତ୍ତା କଲା ସେ । ଆଲୋଚନାର କୌଣସି ଅଂଶ ରଞ୍ଜନ ନିକଟରେ ପହଞ୍ଚି ପାରିଲାନି ।

ତୀକ୍ଷ୍ଣ ଦୃଷ୍ଟିରେ ସେଇ ଆଡ଼କୁ ଚାହିଁ ରହିଛି ରଞ୍ଜନ । ସେ ଦେଖିଲା, କାଉଣ୍ଟରରେ ଥିବା ଯୁବତୀଟି ଗୋଟିଏ ଛୋଟ ଗୋଲାକାର ବସ୍ତୁ ବାହାର କରି ଅତ୍ୟନ୍ତ ସନ୍ତର୍ପଣରେ ଗୁଞ୍ଜିଦେଲା ଆଗନ୍ତୁକ ହାତରେ । ଆଗନ୍ତୁକ ସଙ୍ଗେ ସଙ୍ଗେ ବସ୍ତୁଟିକୁ ନିଜ କୋଟ୍ ପକେଟରେ ରଖିଲା ସମସ୍ତଙ୍କ ଅଲକ୍ଷରେ । ମାତ୍ର ରଞ୍ଜନର ଶ୍ୟେନଦୃଷ୍ଟିରୁ ଏହା ଏଡ଼ାଇ ପାରିଲା ନାହିଁ ।

ଏଠାରେ ଆଗନ୍ତୁକର ପରିଚୟ ଦେଇ ରଖିବା ଭଲ । ସେ ଆମର ପୂର୍ବ ପରିଚିତ ରହେମନ । ରହେମନ ଏଥର ହଲ୍‌ରେ ଉପସ୍ଥିତ ଅନ୍ୟମାନଙ୍କ ଉପରେ ଥରେ ସତର୍କ ଦୃଷ୍ଟି ବୁଲାଇ ଆଣିଲା । ଆଉ ମାତ୍ର ଦୁଇ ତିନିଜଣ ଅଛନ୍ତି । ମାତ୍ର ସେମାନେ ସୁରାପାନରେ ମଗ୍ନ । ରହେମନ ପ୍ରତି କେହି ଲକ୍ଷ୍ୟ କରୁନାହାନ୍ତି ।

ରହେମନ ଆଉ କାଳ ବିଳମ୍ବ ନ କରି ଦ୍ୱାର ଆଡ଼କୁ ଆଗେଇ ଚାଲିଲା । ରଞ୍ଜନ ଉଠି ଠିଆହେଲା । ଦ୍ରୁତ ପଦରେ ଆସିଲା କାଉଣ୍ଟର ନିକଟକୁ । ବିଲ୍ ପେମେଣ୍ଟ କରି ଧୀରେ ଧୀରେ ସେ ମଧ୍ୟ ବାହାରି ଆସିଲା ହୋଟେଲ୍ ଭିତରୁ ।

ବାହାରକୁ ଆସି ଦେଖିଲା ରାସ୍ତା ଉପରେ ଦ୍ରୁତ ପଦରେ ଉଦେମନ ଗୋଟାଏ ଅଞ୍ଚଳକୁ ଆଗେଇ ଯାଉଛି । ରଞ୍ଜନ ଆଉ କାଳ ବିଳମ୍ବ ନକରି ଯଥା ସମ୍ଭବ ଦୂରତ୍ୱ ବଜାୟ ରଖି ତାକୁ ଅନୁସରଣ କରିବାକୁ ଆରମ୍ଭ କଲା ।

ଉଦେମନ ବୋଧହୁଏ ଚିନ୍ତା କରି ନଥିଲା, ଯେ ତାକୁ କେହି ଏପରି ଭାବରେ ଅନୁସରଣ କରିପାରେ ବୋଲି । ବେଶ୍ ଆରାମରେ ଆଗେଇ ଚାଲିଛି ସେ । ଏକାଦିକ୍ରମେ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଚାଲିଲା ପରେ ଉଦେମନ ଆସି ଉପସ୍ଥିତ ହେଲା ଜେଟି ନିକଟରେ ।

ତାଖରେ ଅନେକଗୁଡ଼ାଏ ଦୋକାନ ଏବଂ ଗୋଦାମ ଘର । ଅବଶ୍ୟ ବର୍ତ୍ତମାନ ସବୁ ବନ୍ଦ ହୋଇ ସାରିଲାଣି । କେବଳ କେଉଁଠି କେମିତି ଗୋଟାଏ ଗୋଟାଏ ସ୍ୱଳ୍ପ ଶକ୍ତିସମ୍ପନ୍ନ ବଲ୍‌ବ ଜଳୁଛି । ଫଳରେ ଏକ ଛାୟାନ୍ଧକାର ପରିବେଶ ।

ଉଦେମନ ଏଥର ଦ୍ରୁତ ପଦରେ ଆଗେଇ ଗଲା ଗୋଟାଏ ଦୋକାନ ଘର ଆଡ଼କୁ । ବିଶେଷ ବଡ଼ ଧରଣର ନହେଲେ ମଧ୍ୟ ଛୋଟ ନୁହେଁ । ସାମନାରେ ଗୋଟାଏ ଛୋଟ ସାଇନବୋର୍ଡ ଝୁଲୁଛି । ଲେଖାଅଛି—ଜେନେରାଲ ଇଂପୋର୍ଟ ଏଣ୍ଡ ଏକ୍ସପୋର୍ଟ ।

ଉଦେମନର ପାଦ ଦୁଇଟି ସେହି ଦୋକାନ ଘର ସାମନାରେ ଥମିଗଲା । ଦୋକାନର ସାମନା ଦରଜା ପୁରାପୁରି ଖୋଲା ନାହିଁ । ଅଧାଅଧି ଫାଙ୍କ ରହିଛି । ଦେଖା ଯାଉଛି କାଉଣ୍ଟର ନିକଟରେ ଠିଆ ହୋଇଛି ଗୁଣ୍ଡା ଚେହେରାର ଜଣେ ବ୍ୟକ୍ତି । ମନେହେଲା ଦୋକାନର ହିସାବପତ୍ର କରୁଛି ।

ଉଦେମନ ଥରେ ଚତୁର୍ଦ୍ଦିଗରେ ସତର୍କ ଦୃଷ୍ଟି ବୁଲାଇ ଆଣିଲା । ନା କାହାକୁବି ହେଲେ ଦେଖିବାକୁ ପାଇଲା ନାହିଁ ସେ । ନିଶ୍ଚିନ୍ତ ହୋଇ ଦ୍ରୁତ ପଦରେ ପ୍ରବେଶ କଲା ଦୋକାନ ଭିତରେ ।

”

ଡାକ୍ତରର ସାମନାରେ ଆସି ଇନ୍ଦ୍ରମୋହନ କୌଣସି ତଡାଏ ନୋଟ୍ ପକେଟରୁ ବାହାର କରି ହାତ ପାପୁଲିରେ ରଖିଲା ।

ସାମାନ୍ୟ ଦୂରରେ ଥାଇ ଏ ସବୁ ଲକ୍ଷ୍ୟ କରୁଛି ରଞ୍ଜନ । ଦେଖ ଗଲ ସେହି ଜିନିଷଟି ଦେଖିବା ପରେ ସେଇ ଦୋକାନୀ ଓଠରେ ହସ ଫୁଟି ଉଠିଲା । ଧୀରେ ଧୀରେ ସେ ଆଗେଇ ଆସିଲା ଦରଜା ନିକଟକୁ । ଭିତରର ଭରି ଦରଜା ବନ୍ଦ କରିଦେଲା ସେ ।

ଦରଜା ବନ୍ଦ ହୋଇଯିବା ପରେ ଆଉ କିଛି ଦେଖିବା ରଞ୍ଜନ ପକ୍ଷରେ ସମ୍ଭବ ହେଲା ନାହିଁ । କିଛିକ୍ଷଣ ନୀରବରେ ଅପେକ୍ଷା କଲା ସେ । ସବୁ ଚୁପ୍‌ଚାପ ।

ଧୀର ଅଥଚ ସତର୍କ ପଦକ୍ଷେପରେ ରଞ୍ଜନ ଦୋକାନ ସାମନାରେ ଆସି ଠିଆହେଲା । ଦରଜା ଫାଙ୍କ ଦେଇ ଆଲୋକର କ୍ଷୀଣ ରେଖା ଆସି ବାହାରେ ପଡୁଛି । କଣ ସରୁ ଫାଙ୍କ ଉପରେ ଆଖି ରଖିଲା ରଞ୍ଜନ । ଏଥର ଦୋକାନ ଭିତରର ଦୃଶ୍ୟ ସ୍ପଷ୍ଟ ହୋଇ ଆସିଲା ।

ଦେଖାଗଲା ଭିତରେ ମୁକୁନ୍ଦ ଡାକ୍ତରର ପାଖରେ ଠିଆ ହୋଇ ଡ୍ୟାସ ଚେକ୍ କରୁଛି ସେହି ଗୁଣ୍ଡା ଆକୃତିର ଲୋକଟି । କିନ୍ତୁ...

ଏ କଣ ?

ରଞ୍ଜନ ଚମକି ଉଠିଲା । ଦୋକାନ ଭିତରେ ଦ୍ୱିତୀୟ ବ୍ୟକ୍ତିର କୌଣସି ଚିହ୍ନବର୍ଣ୍ଣ ନାହିଁ । ମନେ ହେଲା, ଇନ୍ଦ୍ରମୋହନ ଯେମିତି ବାୟୁରେ ମିଳାଇ ଯାଇଛି । କେଉଁଠାରେ ହେଲେ ତାର ଚିହ୍ନ ନାହିଁ ।

ଦୋକାନରେ ବାହାରିବା ଏବଂ ପଶିବା ନିମନ୍ତେ ଏହି ଏକମାତ୍ର ଦରଜା । ତାହେଲେ ରହେମନ ଗଲା କୁଆଡ଼େ ? ସତରେ କଣ ସେ ଅଦୃଶ୍ୟ ହୋଇଗଲା ?

ହଠାତ୍ ତାର ଚିନ୍ତାଧାରା ଛିନ୍ନ ହେଲା । ଦୋକାନ ଭିତରର ଆଲୋକ ଧପ୍ କରି ଲିଭିଗଲା । ସବୁ କିଛି ବୁଡ଼ିଗଲା ଅନ୍ଧକାର ମଧ୍ୟରେ । ଭିତରର ଦୃଶ୍ୟ ଦେଖିବା ଆଉ ରଞ୍ଜନ ପକ୍ଷରେ ସମ୍ଭବ ହେଲାନାହିଁ ।

ସେ ଘୁଞ୍ଚି ଆସିଲା ରାସ୍ତା ଉପରକୁ । ମୁହୂର୍ତ୍ତେ କାଳ ନୀରବରେ ଠିଆହୋଇ କଣ ଚିନ୍ତା କଲା । ପରକ୍ଷଣରେ ଏକ ସନ୍ତୋଷ ହାସ୍ୟ ରେଖା ଫୁଟି ଉଠିଲା ତାର ଓଠ ପ୍ରାନ୍ତରେ । ଥରେ ଦୋକାନ ଆଡ଼କୁ ଫେରି ଚାହିଁଲା ରଞ୍ଜନ । ତାପରେ ଦ୍ରୁତ ପଦରେ ଆଗେଇ ଚାଲି ପଶିଗଲା ଅନ୍ଧକାର ମଧ୍ୟରେ ।

•

ଓ୍ୱାଶିଂଟନ ପାର୍କରେ ଅସ୍ପଷ୍ଟ ଅନ୍ଧକାର ।

ଗୋଟାଏ ଗଛ ଅନ୍ତରାଳରେ ଲୁଚା ହୋଇ ରହିଛି ଏକ ଶକ୍ତିଶାଳୀ ବୁଲେଟ୍ ମଟର ସାଇକେଲ । ଅନ୍ଧକାର ମଧ୍ୟରେ ପୁରାପୁରି ମିଶି ଯାଇଛି କହିଲେ ଚଳେ । ପାଖରୁ ଭଲ ଭାବରେ ଦେଖିଲେ କିଛିଟା ଆଭାସ ମିଳେ ।

ଓ୍ୱାଶିଂଟନ ଭିତରେ ଆଜି ଏକ ଦୃଶ୍ୟର ଅବତାରଣା ହେବାକୁ ଯାଉଛି, ବୁଦା ଆଢ଼ୁଆଳରେ ଲୁଚି ରହିଛନ୍ତି ପ୍ରାୟ ଚାରି ଜଣ ପୋଲିସ । ସମସ୍ତେ ସଶସ୍ତ୍ର । ଯେପରି ସିଂହ ପ୍ରତୀକ୍ଷା କରି ରହିଛି, ନିଜ ଶିକାରକୁ ଦେଖିବା ମାତ୍ରେ ଝାମ୍ପି ପଡ଼ିବ ଉପରେ ।

ସମସ୍ତେ ନୀରବ । କେବଳ ଝାଉଁଗଛର ସୁଉ ସୁଉ ଶବ୍ଦ । ପାଖରେ ସମୁଦ୍ରର ଗର୍ଜନ ।

ଜେଟି ନିକଟରୁ କିଛି ଦୂରରେ ପୂର୍ବୋକ୍ତ ପଥୁରିଆ ସ୍ଥାନ । ଅନ୍ଧକାର ମଧ୍ୟରେ ଦେଖାଗଲା ଜଣେ ବଳିଷ୍ଠ ବ୍ୟକ୍ତି ସେହି ଗୁମ୍ଫା ଅବୃତର ସ୍ଥାନରେ ବସିରହି ଚାହିଁ ରହିଛି ସମୁଦ୍ର ଉପରକୁ । ଆଖିରେ ତାର ନାଇଟ୍ ବାଇନାକୁଲାର । ପାଖରେ ପଡ଼ିଛି ଗୋଟାଏ ଅଟାଶକେସ୍ ।

ଏହି ଲୋକଟି ଯେ ଜୁସ୍ମାନ୍ ଏଥିରେ ସନ୍ଦେହ କରିବାର କିଛି ନାହିଁ ।

କିଛି ଦୂରରେ ଆଉ ଏକ ବଡ଼ ପଥର ଆଢ଼ୁଆଳରେ ନିଜକୁ ଲୁଚାଇ ରଖି ଜୁସ୍ମାନ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି ଅନ୍ୟ ଜଣେ ବ୍ୟକ୍ତି । ସେ ଆମର ପରିଚିତ ସୁଦକ୍ଷ ଗୋଇନ୍ଦା ଅଫିସର ରଜତ୍ ବାବୁ । ରଜତ୍ ବାବୁଙ୍କ ହାତରେ ଗୋଟାଏ ଶକ୍ତିଶାଳୀ ଅଟୋମେଟିକ ରିଭଲଭର ।

ରଜତବାବୁ ମନେ ମନେ ଏହି ଅଭିଯାନ କଥା ଭାବୁଥିଲେ । ଆଜି ଅପରାହ୍ଣରେ ନିଜ ଘରେ ବସିରହି ଚା' ପାନ କରୁଥିଲେ ସେ । ଏତିକିବେଳେ ଚାକର ମଧୁ ଆଣି ଦେଇଗଲା ଖଣ୍ଡିଏ ଲଫାପା ।

ମଧୁ କହିଲା—ଜଣେ ବାବୁ ଆପଣଙ୍କୁ ଏଇ ଚିଠିଟି ଦେବା ପାଇଁ କହି ଚାଲିଗଲେ ।

ଲଫାପାଟିକୁ ମଧୁହାତରୁ ଆଣି ଖୋଲି ଦେଖିଲେ ରଜତ୍ ବାବୁ । ଭିତରେ ଗ୍ଲେଟିଆ କାଗଜ, କେଇଧାଡ଼ିର ଚିଠି, ମାତ୍ର ଚିଠିର ଶେଷଆଡ଼େ ଅଛି ପଢ଼ିବା ମାତ୍ରେ ରଜତବାବୁ ଚମକି ଉଠିଲେ । ପରକ୍ଷଣରେ ଏକ ଅଦ୍ଭୁତ ଆନନ୍ଦରେ ଉଦ୍ଭାସିତ

ହୋଇ ଉଠିଲା ତାଙ୍କର ମୁଖମଣ୍ଡଳ । ତରତର ହୋଇ ସେ ପଢ଼ି ଚାଲିଲେ ।

ଲେଖାଥିଲା—

ମାନନୀୟ ବିଜୟ ବାବୁ,

ପ୍ରଣାମ । ଆପଣ ଯେ ରାଜ୍ୟରେ ବର୍ତ୍ତମାନ ଚାଲିଥିବା ସ୍ମଗଲିଂ କେସର ଦାୟିତ୍ୱ ଗ୍ରହଣ କରିଛନ୍ତି ସେ କଥା ମୁଁ ଜାଣେ । ଆପଣଙ୍କୁ ସେହି ସମ୍ପର୍କରେ ଗୋଟାଏ ସୂଚନା ମୁଁ ଦେବାକୁ ଚାହୁଁଛି । ଆଜି ରାତି ଠିକ ବାରଟାବେଳେ ଜେଟି ନିକଟରୁ କିଛି ଦୂରରେ ଥିବା ଝାଉଁରିଆ ଅଞ୍ଚଳ (ଝାଉଁବଣ ସାମନା) ରେ ଏହି ସ୍ମଗଲିଂ କାରବାର ହେବ । ଯଦି ସମ୍ଭବ ହୁଏ ଆପଣ ଅପରାଧୀଙ୍କୁ ଗ୍ରେଫ୍ତାର କରିବାକୁ ଚେଷ୍ଟା କରନ୍ତୁ । । ଇତି ।

ଦସ୍ୟୁ ରଞ୍ଜନ ।

ଦସ୍ୟୁ ରଞ୍ଜନ !

ବିଜୟବାବୁଙ୍କ ହୃଦୟ ନାଚି ଉଠିଥିଲା ଅଜଣା ଆନନ୍ଦରେ । ଆଉ ତାପରେ ନିଜକୁ ଯଥାସମ୍ଭବ ପ୍ରସ୍ତୁତ କରି ଛୁଟି ଆସିଛନ୍ତି ଏଇଠିକି ।

ହଠାତ୍ ବିଜୟବାବୁଙ୍କର ଚିନ୍ତାଧାରା ଛିନ୍ନହେଲା । ସେ ଲକ୍ଷ୍ୟ କଲେ ଲଞ୍ଚମାନ୍ ଚଞ୍ଚଳ ହୋଇ ଉଠିଛି । ଆଖିରୁ ବାଇନାକୁଲର ନୁଆଁଇ ଦେଖି ଉଠି ଠିଆହେଲା ଲଞ୍ଚମାନ୍ । ହାତରେ ରହିଛି ଅଟାଚି କେସ୍ ।

ଧୀର ପଦରେ ଲଞ୍ଚମାନ ବାହାରେ ଆସି ଠିଆହେଲା । ଶାଣିତ ସତର୍କ ଦୃଷ୍ଟି ବୁଲାଇ ଆଣିଲା ଚତୁର୍ଦ୍ଦିଗରେ । ତାପରେ ଦ୍ରୁତ ପଦରେ ଆଗେଇ ଗଲା ସେଇ କୃତ୍ରିମ ଘାଟ ନିକଟକୁ ।

ସମୁଦ୍ର ଭିତରେ ଅନ୍ଧକାର ମଧ୍ୟରେ ଧୀରେ ଧୀରେ ଆଖି ପ୍ରକାଶ କଲା ଏକ କ୍ଷୁଦ୍ରାକାର ଜଳାପାହାଡ଼ । ତାପରେ କ୍ରମଶଃ ସ୍ପଷ୍ଟ ହୋଇ ଆସିଲା ଗୋଟାଏ ଶକ୍ତିଶାଳୀ ଷ୍ଟିମର୍ ।

ହାତରେ ଧରିଥିବା ଟର୍ଚ୍ଚକୁ ଉପରକୁ ଉଠାଇଲେ ଉଦ୍‌ମାନ୍ । ଗାଢ଼ ନୀଳ ରଙ୍ଗର ଆଲୋକ ଧପ୍ ଧପ୍ ହୋଇ କେଇଥର ଜଳିଉଠି ଲିଭିଗଲା ।

ପରକ୍ଷଣରେ ଷ୍ଟିମରର ଡେକ୍ ଉପରେ ମଧ୍ୟ ସେହିଭଳି ନୀଳ ରଙ୍ଗର ଆଲୋକ ଜଳିଉଠି ଲିଭିଗଲା ।

ଷ୍ଟିମର ଆଗେଇ ଆସି ଅଟକିଗଲା ଘାଟରେ । ଉଦ୍‌ମାନ ଦଉଡ଼ିଗଲେ ତାଖକୁ । ଷ୍ଟିମରର ଡେକ୍ ଉପରେ ଆସି ଠିଆହେଲା ଜଣେ ଦୀର୍ଘକାୟ ନିଗ୍ରୋ । ତା ହାତରେ ଗୋଟାଏ ମଧ୍ୟମ ଧରଣର ବ୍ରିଫକେସ୍ ।

ରଜତବାବୁ ପଥର ଅନ୍ତରାଳରେ ଯଥାସମ୍ଭବ ଆତ୍ମଗୋପନ କରି ଭଲ ଘଟଣାଗୁଡ଼ିକୁ ଦେଖିବାକୁ ଲାଗିଲେ । ଆଉ ଏତିକିବେଳେ ସେ ଦେଖିଲେ ଉଦ୍‌ମାନ ହାତରେ ଗୋଟାଏ ବ୍ରିଫକେସ୍ ନେଇ ଫେରି ଆସୁଛି ।

ହୁଇସିଲ୍ ଦେଲେ ରଜତବାବୁ । ନିର୍ଜନ ବେଳାଭୂମି ହୁଇସିଲ୍ ଶବ୍ଦରେ କମ୍ପି ଉଠିଲା । ଝାଉଁବଣରେ ପ୍ରତୀକ୍ଷାରେ ରହିଥିବା ପୋଲିସ ବାହିନୀ ଛୁଟି ଆସିଲେ ଏଇ ଆଡ଼କୁ ।

ପୋଲିସ ହୁଇସିଲ୍ ଶୁଣି ଷ୍ଟିମର ଫେର ବେଗରେ ଧାବମାନ ହେଲା ସମୁଦ୍ର ଭିତରକୁ । ଗୋଟାଏ ଝାଙ୍କ ଗୁଳି ଛୁଟିଲା ଷ୍ଟିମରକୁ ଲକ୍ଷ୍ୟ କରି । ମାତ୍ର ସବୁ ବ୍ୟର୍ଥ ହେଲା । ଶକ୍ତିଶାଳୀ ଷ୍ଟିମର

ଦେହରେ ଗୁଳ ବାଜ ଖସି ପଡ଼ନ୍ତ ଚଳନ୍ତୁ । ଷ୍ଟିମରର କୌଣସି କ୍ଷତି ହେଲା ନାହିଁ । କ୍ଷିପ୍ର ବେଗରେ ସେ ସମୁଦ୍ର ମଧ୍ୟକୁ ଚାଲିଯାଇ ଏକ ସମୟରେ ଆଖି ଧାମନାରୁ ଅଦୃଶ୍ୟ ହୋଇଗଲା ।

ଅନେକଗୁଡ଼ାଏ ପୋଲିସ ଟର୍ଚ୍ଚର ତୀବ୍ର ଆଲୋକ ସମୁଦ୍ର ଗର୍ଭରୁ ଏଥର ଘୂରି ଆସିଲା ବେଳାଭୂମି ଉପରକୁ । ହଠାତ୍ ଚମକି ଉଠିଲେ ବଜ୍ରପ୍ରବାବୁ । ଦସ୍ୟମାନେ ଇତିମଧ୍ୟରେ ସମସ୍ତଙ୍କ ଦୃଷ୍ଟି ବଞ୍ଚାଇ ପଳାୟନ କରିଛନ୍ତି । ଷ୍ଟିମରକୁ ନେଇ ପୋଲିସବାହିନୀ ବ୍ୟସ୍ତଥିବା ସମୟରେ ସୁଯୋଗର ସଦ୍‌ବ୍ୟବହାର କରିଛନ୍ତି ଦସ୍ୟୁମାନେ ।

ବଜ୍ରପ୍ରବ ବୁ କ୍ରୋଧରେ ଅସ୍ଥିର ହୋଇ ଉଠିଲେ । ଝାଉଁବଣ ଆଡ଼କୁ ଦୌଡ଼ିଗଲେ ସେ । ଏତିକିବେଳେ ବୁଲେଟ୍ ମଟର ସାଇକେଲର ଇଞ୍ଜିନ ଗର୍ଜନ କରି ଉଠିଲା । ପରକ୍ଷଣରେ ଅଦ୍ଭୁତ ବେଗରେ ଛୁଟିଗଲା ଆଗକୁ ।

ବଜ୍ରପ୍ରବାବୁ ମୋଟର ସାଇକେଲର ଆରୋହୀ ଅର୍ଥାତ ଦସ୍ୟମାନଙ୍କୁ ଲକ୍ଷ୍ୟ କରି ଗୁଳ କଲେ । ମାତ୍ର ଲକ୍ଷ୍ୟ ଭ୍ରଷ୍ଟ ହେଲା ।

ଡ଼ େଲ ବିଳମ୍ବ ନକରି ବଜ୍ରପ୍ରବାବୁ ଅଦୂରରେ ଥିବା ମଟର ବାଇକ୍ ନିକଟକୁ ଛୁଟିଗଲେ । ପର ମୁହୂର୍ତ୍ତରେ ମୋଟର ସାଇକେଲ ଷ୍ଟାର୍ଟ ହୋଇ ତୀବ୍ର ବେଗରେ ଛୁଟି ଚାଲିଲା ପୂର୍ବୋକ୍ତ ବୁଲେଟ ପଛରେ ।

ଘଣ୍ଟା ନିର୍ଜନ । ତେଣୁ କ୍ଷିପ୍ର ଗତିରେ ଯିବା ଆସନ୍ତେ କୌଣସି ଅସୁବିଧା ହେଲା ନାହିଁ । ବଜ୍ରପ୍ରବାବୁ ଲକ୍ଷ୍ୟ କଲେ ମୋଟର ସାଇକେଲର ସ୍ପିଡ଼ୋମିଟର କଣ୍ଟା ଶହେ ଉପରକୁ ଉଠି ଗଲାଣି । ମାତ୍ର ସେଥିପ୍ରତି ତାଙ୍କର ଭ୍ରୁକ୍ଷେପ ନାହିଁ । ଆଗପଛ ହୋଇ ଅଦ୍ଭୁତ ବେଗରେ ଛୁଟି ଚାଲିଛି ମଟର ସାଇକେଲ ଦୁଇଟି ।

ବଳପ୍ରବାବୁ ହଠାତ୍ ଚମକି ଉଠିଲେ । ଗୋଟାଏ ଗୁଳି ପାର୍ କରି ତାଙ୍କ ପାଖ ଦେଇ ବାହାରି ଚାଲିଗଲା । ଏହି ସମୟରେ ବଳପ୍ର ବାବୁ ଦେଖିଲେ ବୁଲେଟରେ ଗତି ମନ୍ଥର ହୋଇ ଆସୁଛି । ନିଜ ମଟର ବାଇକର ଗତି କମାଇ ଦେଲେ ସେ ।

ବନ୍ଦର ମାର୍କେଟ ପାଖେଇ ଆସିଲା । ଅବଶ୍ୟ ବର୍ତ୍ତମାନ ସବୁ ଦୋକାନ ବଜାର ବନ୍ଦ । ଗୋଟାଏ ଦୁଇଟା ସିପିଙ୍ଗ୍ କମ୍ପାନୀର ଅଫିସ ଅବଶ୍ୟ ଖୋଲା ରହିଛି । ହୋଟେଲ ସି-ଭ୍ୟୁ ବର୍ତ୍ତମାନ ଖୋଲାଅଛି । ସାମନାରେ ନିଅନ୍ ସାଇନ୍‌ର ଝଲକ ।

ବୁଲେଟ୍ ହଠାତ ବ୍ରେକ କଷିଲା ହୋଟେଲ ସି-ଭ୍ୟୁର କମ୍ପାଉଣ୍ଡ ଭିତରେ । ଷ୍ଟାର୍ଟ ବନ୍ଦକରି ମୋଟର ବାଇକ୍‌ରୁ କୁଦି ପଡ଼ିଲା ଉସମାନ । ହାତରେ ବ୍ରିଫ୍‌କେସ୍ ନେଇ ସେ ଛୁଟିଗଲା ହୋଟେଲ ଭିତରକୁ ।

ସେଇ ସଙ୍ଗେ ସଙ୍ଗେ ବଳପ୍ରବାବୁଙ୍କର ମୋଟର ସାଇକେଲ ବ୍ରେକ୍ କଷିଲା । ଷ୍ଟାର୍ଟ ବନ୍ଦକରି ବଳପ୍ରବାବୁ ଓହ୍ଲାଇ ଆସିଲେ ତଳକୁ । ପରେ ବୁଲେଟ୍ ଉପରେ ଦୃଷ୍ଟି ବୁଲାଇ ଆଣି ଏକ ପ୍ରକାର ଦଉଡ଼ ଦଉଡ଼ ପ୍ରବେଶ କଲେ ହୋଟେଲ ଭିତରେ ।

କନ୍ଥ ହଲ୍‌ରେ ପାଦ ଦେଇ ଥମକି ଠିଆହେଲେ ସେ ।

ଏ କଣ ?

ଉସ୍‌ମାନ କାହିଁ ? ଉସମାନର କୌଣସି ଚିହ୍ନବର୍ଣ୍ଣ ନାହିଁ ।

ବଳପ୍ରବାବୁ ଲକ୍ଷ୍ୟ କଲେ ହଲ୍ ମଧ୍ୟରେ କେଇଜଣ ନାବିକ ଶ୍ରେଣୀର ବ୍ୟକ୍ତି ବସିରହି ସୁରାପାନରେ ମଗ୍ନ । କାଉଣ୍ଟର ନିକଟରେ ବସି ଜଣେ ଯୁବକ ଢୁଲୋଉଛି ।

ରଜତ୍‌ବାବୁ ଅନେଇ ଗଲେ ଜାଲ୍ଲଣ୍ଡର ନିକଟକୁ । ମାତ୍ର ପସ୍ୱରିବା ପରେ ଜଣା ଗଲା ଉପ୍‌ମାନ ଚେଡେସ୍ୱର କୌଣସି ବ୍ୟକ୍ତିକୁ ଭିତରକୁ ଆସିବାର ଜାଲଣ୍ଡର ଖୁର୍ଜ ଦେଖିନାହାନ୍ତି । ରଜତ୍‌ବାବୁ ପ୍ରଥମେ ଅବାକ୍ ହେଲେ ମଧ୍ୟ ପରକ୍ଷଣରେ ବୁଝିପାରିଲେ ଭୂଲାଉ-ଥିବା ଅବସ୍ଥାରେ ଆଗନ୍ତୁକ ଉପରେ ଝୁର୍ଚ୍ଚ ବୋଧହୁଏ ଦୃଷ୍ଟି ଦେଇ ପାରିନାହାନ୍ତି ।

ହଠାତ୍ କାନରେ ବାଜିଲା ବାହାରେ ମଟର ସାଇକେଲ ଷ୍ଟାର୍ଟ ହେବାର ଘଡ଼ ଘଡ଼ ଶବ୍ଦ । କିଛି ଚିନ୍ତା ନକରି ରଜତ୍‌ବାବୁ ଧାଇଁ ଆସିଲେ ବାହାରକୁ । ଚମକି ଉଠିଲେ ସେ । ଦେଖିଲେ କମ୍ପାଉଣ୍ଡ ଅତିକ୍ରମ କରି ଉପମାନ ନିଜର ସେଇ ବୁଲେଟ୍ ମୋଟର ବାଇକ୍ ନେଇ ପଳାୟନ କରୁଛି ।

ଗୋଟାଏ ଦୁଇଟା ସେକେଣ୍ଡ ପାଇଁ ସ୍ତମ୍ଭୀଭୂତ ହୋଇ ପଡ଼ିଲେ ମଧ୍ୟ ପରକ୍ଷଣରେ ରଜତ୍‌ବାବୁ ସଜାଗ ହୋଇ ଉଠିଲେ । ସେ ଦଉଡ଼ି ଆସିଲେ ନିଜର ମଟର ସାଇକେଲ ନିକଟକୁ । କିନ୍ତୁ ଦେଖିଲେ ଆଗ ଏବଂ ପଛ ଚକ ଦୁଇଟିଯାକ ଫାଟି ଯାଇଛି । ମନେହେଲା କେହି କୌଣସି ତୀକ୍ଷ୍ଣ ଅସ୍ତ୍ର ସାହାଯ୍ୟରେ କାଟି ଦେଇଛି ଚକ ଦୁଇଟିକୁ ।

ନିଷ୍ଫଳ କ୍ରୋଧରେ ସାମନାକୁ ଚାହିଁଲେ ରଜତ୍ ବାବୁ । ଉପମାନର ବୁଲେଟ୍ ମଟର ସାଇକେଲ ଅଦୃଶ୍ୟ ହୋଇଗଲାଣି ଅନ୍ଧକାର ମଧ୍ୟରେ ।

ଘଟଣା ଜର୍ଜରିତ ହୋଇ ରଜନୀବାବୁ ଫେରି ଯାଉଥିଲେ ନିଜ ଗୃହ ଅଭିମୁଖେ । ସେ କ୍ଳାନ୍ତ, ଶ୍ରାନ୍ତ । ଅସୀମ ହତାଶରେ ମନ ତାଙ୍କର ଜଳ ଉଠୁଛି ।

ରାତିର ଅନ୍ଧକାର କ୍ରମଶଃ ଅଦ୍ଭୁତ ଗାଢ଼ ଗମ୍ଭୀର ହୋଇ ଆସିଲାଣି । ରାସ୍ତାଘାଟ ନିର୍ଜ୍ଜନ । ଜନ ପ୍ରାଣୀର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ ।

ମୋଟର ସାଇକେଲର ସ୍ପିଡ୍ ଅଦ୍ଭୁତ ବଢ଼ାଇ ଦେଲେ ରଜନୀବାବୁ । ଝଡ଼ ବେଗରେ ମୋଟର ବାଇକ୍ ଛୁଟି ଚାଲିଲା ନିର୍ଜ୍ଜନ ରାସ୍ତା ଉପରେ । ହଠାତ୍ ଚମକି ଉଠିଲେ ରଜନୀବାବୁ ।

ଏ କଣ ?

ହେଡ୍ ଲାଇଟ୍‌ର ଉଜ୍ଜଳ ଆଲୋକରେ ଦେଖାଗଲା କିଛି ଦୂରରେ ରାସ୍ତା ଉପରେ ଦୁଇଟା ଲଗ୍ ଡେରଛା ଭାବରେ ଠିଆ ହୋଇଛି । ଲଗ୍ ଦୁଇଟି ଏପରି ଭାବରେ ରହିଛି ଯେ ରାସ୍ତା ସମ୍ପୂର୍ଣ୍ଣ ଭାବରେ ଅବରୁଦ୍ଧ । ପାଦରେ ଚାଲିକରି ମଧ୍ୟ ଯିବାର ଉପାୟ ନାହିଁ ।

ଲଗ୍ ମୁହାଁମୁହିଁ ହୋଇ ରହିଛି । ରଜନୀବାବୁଙ୍କର ମନେହେଲା ନିଶ୍ଚିତ ଭାବରେ ଦୁର୍ଘଟଣା ଘଟି ଏପରି ଅବସ୍ଥା ସୃଷ୍ଟି ହୋଇଛି ।

ମୋଟର ବାଇକ୍‌ର ଗତି ବେଗ ପୂରାପୂରି କମାଇ ଆଣିଲେ ରଜନୀବାବୁ । ଏକ ସମୟରେ ମୋଟର ସାଇକେଲ ଅପି ବ୍ରେକ୍ କଷିଲା ଲଗ୍ ଦୁଇଟି ନିକଟରେ । ଗାଡ଼ିର ହେଡ୍ ଲାଇଟ୍ ବନ୍ଦ ନକରି ରଜନୀବାବୁ ଓହ୍ଲାଇ ଆସିଲେ ତଳକୁ ।

ଦେଖା ଗଲା ଜପ୍ ଦୁଇଟି ପୁରପୂର ଖାଲି । କେହି କୁଆଡ଼େ ନାହାନ୍ତି ।

ବଳଦ୍ଧବାବୁ ଅବାକ୍ ହେଲେ । ତାହେଲେ ଜଣ ଦୁର୍ଘଟଣା ଘଟାଇ ଉଭୟ ପକ୍ଷ ଉପରେ ପଳାୟନ କରିଛନ୍ତି । କିନ୍ତୁ···ଏକଥା କେମିତି ସମ୍ଭବ ହେବ !

ଚତୁର୍ଦ୍ଦିଗରେ ଥରେ ତୀକ୍ଷ୍ଣ ସତର୍କ ଦୃଷ୍ଟି ବୁଲାଇ ଆଣିଲେ । ନା, କେହି କୁଆଡ଼େ ନାହାନ୍ତି । ରାସ୍ତା ଧାରରେ ଗୋଟାଏ ଆମ୍ବ ତୋଟା । ଅନେକ ଗୁଡ଼ାଏ ଆମ୍ବତୋଟା ପାଖାପାଖି ରହି ଜଙ୍ଗଲ ଭଳି ମନେହେଉଛି ।

ବର୍ତ୍ତମାନ ଅନ୍ଧକାର ଗର୍ଭରେ ଥାଇ କିଛି ହେଲେ ଦେଖିବା ସମ୍ଭବ ହେଉ ନାହିଁ ।

ହଠାତ୍ କଣ ଭାବି ବଳଦ୍ଧବାବୁ ଚମକି ଉଠିଲେ । ଏଭଳି ଭାବରେ ଜପ୍ ଦ୍ୱାରା ରାସ୍ତା ଅବରୋଧ କରି ରଖିବା ପଛରେ ତାହାର କୌଣସି ପ୍ଲାନ୍ ନାହିଁତ ? ହୁଏତ ତାଙ୍କୁ ହିଁ ଅଟକାଇବା ଉଦ୍ଦେଶ୍ୟରେ ଶତ୍ରୁପକ୍ଷର ଏଇଟା ଗୋଟାଏ ପ୍ଲାନ୍ ମଧ୍ୟ ହୋଇପାରେ ।

ବଳଦ୍ଧବାବୁଙ୍କର ଗୋଇନ୍ଦା ମନ ସତର୍କ ହୋଇ ଉଠିଲା । ଫେରିଯିବା କ୍ଷମନ୍ତେ ଦ୍ରୁତପଦରେ ସେ ଆଗେଇ ଆସିଲେ, କିନ୍ତୁ ଅନେକ ଡେରି ହୋଇ ସାରିଛି ସେତେବେଳକୁ ।

ମୋଟର ବାଇକ୍ ନିକଟରେ ପହଞ୍ଚି ବଳଦ୍ଧବାବୁ ଚମକି ପଡ଼ିଲେ । ଛଅଜଣ ଦୀର୍ଘଦେହୀ ବ୍ୟକ୍ତି ଠିଆ ହୋଇଛନ୍ତି ପାଖରେ । ପ୍ରତ୍ୟେକ କଳା ରଙ୍ଗର ପୋଷାକରେ ଆବୃତ କରି ରଖିଛନ୍ତି ନିଜକୁ । ସମସ୍ତଙ୍କ ହାତରେ ଗୋଟାଏ ଲେଖାଏଁ ମେସିନଗନ୍ ।

ଗନ୍‌ଗୁଡ଼ିକର ନଳୀ ଉଦ୍ୟତ ହୋଇ ରହିଛି ବଳଭଦ୍ରବାବୁଙ୍କ ଆଡ଼କୁ ।

ଆଗନ୍ତୁକଙ୍କ ମଧ୍ୟରୁ ଜଣେ ଗମ୍ଭୀର କଣ୍ଠରେ କହିଲା— ମିଷ୍ଟର ବଳଭଦ୍ର ! ଗତାସୁନର ସମସ୍ତ ପଥ ରୁଦ୍ଧ । ତା ଛଡ଼ା କୌଣସି ପ୍ରକାର ଗୁଳୁକ ଖେଳିବାର ଚେଷ୍ଟାକଲେ ଅକାଳ ମୃତ୍ୟୁ ଘଟିବ ଆପଣଙ୍କ ଦେହରେ । ଚୁପ୍‌ଚାପ୍ ଜାଗାରେ ଯାଇ ବସନ୍ତୁ ।

ବଳଭଦ୍ରବାବୁ ନିଜର ବୋକାମୀ ନିମନ୍ତେ ମନେ ମନେ ନିଜକୁ ଦୋଷ ଦେଲେ ମଧ୍ୟ ବର୍ତ୍ତମାନ ମୁକ୍ତି ପାଇବାର କୌଣସି ଉପାୟ ନାହିଁ । ସେ ଜାଣନ୍ତି ତାଙ୍କର ସାମାନ୍ୟ ଗତିବିଧି ତାଙ୍କୁ ଅପ୍ରାକୃତ ମୃତ୍ୟୁ ମୁଖକୁ ଠେଲିଦେବ ।

ତଥାପି ଗମ୍ଭୀର କଣ୍ଠରେ ସେ ପ୍ରଶ୍ନ କଲେ—ତୁମେମାନେ କିଏ ? ଏ ପ୍ରକାର ଗୁଣ୍ଡାମିର କାରଣ କଣ ମୁଁ ବୁଝିପାରୁନି ।

ପୂର୍ବୋକ୍ତ ବ୍ୟକ୍ତି କହିଲା—କିଛି ବୁଝିବା ଦରକାର ନାହିଁ । ପରେ ଠିକ୍ ବୁଝିପାରିବେ । ବର୍ତ୍ତମାନ କେବଳ ମୁଁ ଯାହା କହୁଛି ତାହାହିଁ କରନ୍ତୁ ।

ବଳଭଦ୍ରବାବୁ ନିରୁପାୟ ।

ବାଧା ଦେବା ମଧ୍ୟ ସମ୍ଭବ ନୁହେଁ । ଶାନ୍ତ ଭାବେ ସେ ଆସି ବସିଲେ ଗୋଟାଏ କାର୍ ଭିତରେ । ତାଙ୍କ ପାଖରେ ଦୁଇ ଜଣରେ ବସିଲେ ଗୁଣ୍ଡାଜଣ ଗନ୍‌ଧାରୀ ।

ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ଅପର କାର୍‌ର ଡ୍ରାଇଭିଂ ସିଟ୍‌ରେ ଆସି ବସିଲା । ଆଉ ଜଣେ ବଳଭଦ୍ରବାବୁ ଥିବା କାର୍‌ରେ ଡ୍ରାଇଭିଂ ସିଟ୍‌ରେ ।

ଜପ୍ ଦୁଇଟି ଷ୍ଟାର୍ଟ ହେଲା । ହଠାତ୍ ପାଖରେ ବସିଥିବା ଜଣେ ଅାତତାୟୀ କ୍ଷିପ୍ର ହସ୍ତରେ ଗୋଟାଏ ରୁମାଲ ବାହାର କରି ଚାପି ଧରିଲା ବିଜୟବାବୁଙ୍କ ନାକ ଉପରେ । ବାଧା ଦେବାକୁ ଇଚ୍ଛା କରି ମଧ୍ୟ ବିଜୟବାବୁ ପାରିଲେ ନାହିଁ । କେଇ ସେକେଣ୍ଡ ମଧ୍ୟରେ ତାଙ୍କର ଅଚେତନ ଦେହ ଲେଟି ପଡ଼ିଲା ତଳେ ।

ଜପ୍ ଦୁଇଟି ଷ୍ଟାର୍ଟ ହୋଇ ଅାଗପଛ ହୋଇ ଛୁଟି ଚାଲିଲା ଆଗକୁ । ବିଜୟବାବୁଙ୍କ ମୋଟର ବାଇକ୍ ସେମିତି ପଡ଼ି ରହିଲା ରାସ୍ତା ଧାରରେ ।

ଜପ୍ ଦୁଇଟି କିଛି ଦୂର ଆଗେଇ ଗିବା ପରେ ଆଉ ଏକ ଘଟଣା ଘଟିଲା । ଆମ୍ବ ତୋଟାର ଗଭୀର ଅନ୍ଧକାର ମଧ୍ୟରୁ ଦ୍ରୁତ ପଦରେ ବାହାରକୁ ବାହାରି ଆସିଲା ଜଣେ ଛାୟାମୂର୍ତ୍ତି । ଦେଖାଗଲା ଗୋଟାଏ ମଧ୍ୟମ ଧରଣର ରେସିଂ ମୋଟର ସାଇକେଲ ହାତରେ ଧରି ଗଡ଼ାଇ ଆଣୁଛି ସେ ।

ରାସ୍ତା ଉପରେ ପହଞ୍ଚି ଛାୟାମୂର୍ତ୍ତି ମୋଟର ବାଇକ୍ ଷ୍ଟାର୍ଟ କଲା । ତାପରେ ଜପ୍ ଯେଉଁ ଆଡ଼କୁ ଯାଇଥିଲା ସେଇ ଆଡ଼କୁ ଛୁଟାଇ ଦେଲା ଖରବେଗରେ । ମାତ୍ର କାଣି କାଣି ହେଡ଼ଲାଇଟ୍ ଜଳାଇଲା ନାହିଁ । ଅନ୍ଧକାର ମଧ୍ୟରେ ଜପ୍ ଦୁଇଟିକୁ ଅନୁସରଣ କରିବାକୁ ଲାଗିଲା ସତର୍କ ଭାବରେ ।

ଆଉ ତାପରେ···

ଆମ୍ବତୋଟା ଭିତରୁ ବାହାରି ଆସିଲା ଆଉ ଜଣେ ଯୁବକ । ରାସ୍ତା ଉପରକୁ ଆସି ସେ ଦୃଷ୍ଟି ବୁଲାଇ ଆଣିଲା ଦ୍ରୁତଗାମୀ ମୋଟର

ବାଇକ୍ ଉପରେ । ଓଠ ଫାଙ୍କରେ ଧୀରେ ରହସ୍ୟମୟ ହସ ଫୁଟି ଉଠି ମିଳାଇଗଲା ।

ଧୀରେ ଧୀରେ ସେ ଆଗେଇ ଆସିଲା ରଜତବାବୁଙ୍କ ମୋଟର ବାଇକ ଆଡ଼କୁ । ଷ୍ଟାର୍ଟ କରି ବସି ରହିଲା ସେ । ତାପରେ ଯେଉଁ ଆଡ଼ୁ ରଜତବାବୁ ଆସିଥିଲେ ସେଇ ଆଡ଼କୁ ହୁଗୁଳି ମୋଟର ସାଇକେଲ ଛୁଟାଇ ଦେଲା ସେ ।

ରହ୍ମାଟେକ୍ ଟି-ଭଞ୍ଜ ।

ଶକ୍ତି ପ୍ରାପ୍ତ ହୁଇଟା ହେବ ।

ସମସ୍ତ ବୋର୍ଡର ରକ୍ଷୀର ନିଦ୍ରାରେ ଅଚେତନ । ଛାତ୍ରମାନଙ୍କର ଘଡ଼ି ମଧ୍ୟ ବର୍ତ୍ତମାନ ଆଦୌ ନାହିଁ କହିଲେ ଚଳେ । ଚତୁର୍ଦ୍ଦିଗ ଶୂନଶାନ ।

ଦେଖାଗଲା ହୋଟେଲର ଦୁଇମହଲାରେ ଦଶ ନମ୍ବର ରୁମର ଦରଜା ଧୀରେ ଧୀରେ ଖୋଲିଗଲା । ମୁଣ୍ଡ ଗଳାଇ କେହି ଜଣେ ବାହାରକୁ ଚାହିଁଲା । ଭଲ ଭାବରେ ଲକ୍ଷ୍ୟକରି ସନ୍ତୁଷ୍ଟ ହେବା ପରେ ଦରଜା ଖୋଲି ବାହାରି ଆସିଲା ବାହାରକୁ ।

ବାରଣ୍ଡାର ସମ୍ପୂର୍ଣ୍ଣ ନିର୍ଜନ । ଅନ୍ୟ ସମସ୍ତ କୋଠରୀର ଦରଜା ବନ୍ଦ ରହିଛି । ମ୍ଳାନ ଆଲୋକରେ ଦେଖାଗଲା ପୂର୍ବୋକ୍ତ ବ୍ୟକ୍ତି

ଜଣେ ତରୁଣ ପଇଁତିଶ ବର୍ଷର ଯୁବକ । ବିଦେଶୀ—ବେଶରେ ମୂଲ୍ୟବାନ ଗାଢ ରଙ୍ଗର ସୁଟ୍ । ମୁହଁରେ ଫ୍ରେଞ୍ଚକଟ୍ ଦାଢ଼ୀ ।

ଦ୍ରୁତ ଅଥଚ ସତର୍କ ପଦରେ ଯୁବକ ଆଗେଇ ଗଲା ପାହାଚ ନିକଟକୁ । ମାତ୍ର ତଳକୁ ଯିବା ପରିବର୍ତ୍ତେ ସେ ଉପର ମହଲାକୁ ଯିବାର ପାହାଚ ଉପରେ ପାଦ ରଖିଲା । ଥରେ ଫେରି ଚାହିଁଲା ପଛକୁ । ତାପରେ ଉଠିଆସିଲା ଉପରକୁ ।

ଉପର ମହଲାର ସବୁତକ କୋଠରି କେବଳ ହୋଟେଲର ମାଲିକ ଏବଂ କର୍ମଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ସବୁ ଦରଜା ବର୍ତ୍ତମାନ ବନ୍ଦ ରହିଛି ।

ମାତ୍ର ଯୁବକ ଏଠାରେ ଅଟକିଲା ନାହିଁ । ଦ୍ରୁତ ପଦରେ ଛାତ ଉପରକୁ ଯିବାର ପାହାଚ ଆଡ଼େ ଆଗେଇ ଗଲା ।

କେଇ ସେକେଣ୍ଡ ପରେ ଦେଖାଗଲା ଯୁବକଟି ଅଟ୍ଟାଳିକାର ଛାତ ଉପରେ ଠିଆହୋଇଛି । ଗୋଟାଏ କୋଣରେ ଉଦଣ୍ଡ ଯୁବକ ଦେଖିଲା କେତେଗୁଡ଼ାଏ ବଡ଼ ଧରଣର ଡ୍ରମ୍ ସେଠାରେ ରହିଛି । ଯୁବକଟି ଅଳ୍ପ କାଳ ବିଳମ୍ବ ନକରି ଡ୍ରମ ପଛପଟରେ ଲୁଚାଇ ରଖିଲା ନିଜକୁ ।

ଫାଙ୍କ ଦେଇ ଏଥର ବାହାରକୁ ଚାହିଁଲା ସେ । ଛାତ ଉପରେ ଗାଢ଼ ଅନ୍ଧକାର । ଅନ୍ଧକାରରେ ଆଖି କ୍ରମଶଃ ସହି ଆସିବା ପରେ ଦେଖାଗଲା ଛାତ ଉପରେ କେହି କୁଆଡ଼େ ନାହାନ୍ତି ।

ଏଭଳି ଅନ୍ଧକାରାଚ୍ଛନ୍ନ ନିର୍ଜନ ରାତିରେ ହୋଟେଲ ଛାତ ଉପରେ ଯେ କେଉଁଥିପାଇଁ ଏଇ ବିଦେଶୀ ଯୁବକଜଣକ ଛକି ବସିଛି ସେକଥା କେବଳ ସେଇ ହିଁ ଜାଣେ ।

କେଇ ମିନିଟ୍ ଏଇଭଳି ନୀରବରେ ବିତିଗଲା ।

ହଠାତ୍ ଚମକି ଉଠିଲା ଯୁବକ । କାନରେ ବାଜିଲା ଏକ ଧାତବ ଶବ୍ଦ—ଠଂ ।

ଅବଶ୍ୟ ଶବ୍ଦଟି ବେଶ ଅସ୍ପଷ୍ଟ । ବେଶ ମନଯୋଗ ଦେଇ ନ ଶୁଣିଲେ ବୁଝିପାରିବା ସମ୍ଭବ ହେବ ନାହିଁ । ତୀକ୍ଷ୍ଣ ଦୃଷ୍ଟିରେ ଯୁବକ ଚାହିଁଲା ସାମନାକୁ । ଆଉ ଏଥର ଏକ ଅଦ୍ଭୁତ ଦୃଶ୍ୟର ଅବତାରଣା ହେଲା ଛାତ ଉପରେ ।

ଅବାକ୍ ହୋଇ ଯୁବକଟି ଦେଖିଲା ଗୁମ୍ଫଟିର ଏକ ବର୍ଗାକାର ଅଂଶ ଧୀରେ ଧୀରେ ଯାଦୁ ଖେଳ ଭଳି ଉଠିଗଲା ଉପରକୁ । ଠିକ ଗୋଟାଏ ବାକ୍ସର ଢାଙ୍କୁଣୀ ପରି ।

ସୃଷ୍ଟି ହୋଇଥିବା ଗର୍ତ୍ତ ଭିତରୁ ନୀଳ ରଙ୍ଗର ଆଲୋକ ଛିଟ୍କି ପଡ଼ିଲା ବାହାରେ ।

ଭିତରର ଦୃଶ୍ୟ ଦେଖିବା ନିମନ୍ତେ ମନରେ ଅସୀମ କୌତୂହଳ ସୃଷ୍ଟି ହୋଇଥିଲେ ମଧ୍ୟ କୌଣସି ପ୍ରକାରେ ନିଜକୁ ସଂଯତ କରି ସେ ପରବର୍ତ୍ତୀ ଦୃଶ୍ୟକୁ ଅପେକ୍ଷା କରିବାକୁ ଲାଗିଲା ।

ଦେଖାଗଲା ଗୋଟାଏ ହେଲିକେପ୍ଟର ଧୀରେ ଧୀରେ ଉପରକୁ ଉଠି ସ୍ଥିର ହୋଇ ରହିଲା ଛାତ ସ୍ତରରେ । ଯୁବକଟି

ବୁଡ଼ିପାରିଲା ହେଲିକେପ୍ଟର ଉପରକୁ ଉଠାଇବା ନିମନ୍ତେ କୌଣସି ଶକ୍ତିଶାଳୀ ଲିଫ୍ଟର ପ୍ରୟୋଗ କରାଯାଉଛି ।

କିନ୍ତୁ ଏ ଏକ ଅବିଶ୍ୱାସ ଦୃଶ୍ୟ ।

ହ୍ରଦ ଭିତରୁ ହେଲିକେପ୍ଟର !

ହେଲିକେପ୍ଟରଟି ଯେ ବୁଡ଼େଇଣି ଏକଥା ବୁଝିବା ନିମନ୍ତେ ଯୁବକର ଅସୁବିଧା ହେଲା ନାହିଁ । ଉପରକୁ ଆସିବା ପରେ ହେଲିକେପ୍ଟର ଧୀରେ ଧୀରେ ବୃକ୍ଷ ଆସିଲା ଆଡ଼କୁ । ହ୍ରଦର ସେହି ଢାକୁଣୀ ପୁନର୍ବାର ବନ୍ଦ ହୋଇଗଲା ।

ବର୍ତ୍ତମାନ ଉଦ୍ଭାବରେ ନିରୀକ୍ଷଣ କଲେ ମଧ୍ୟ ଆଉ ସେଠାରେ ଏକ ଗୁପ୍ତ ଦ୍ୱାର ରହିଛି ବୋଲି ଧରିପାରିବା ସମ୍ଭବ ହେବନି ।

ଯୁବକ ହେଲିକେପ୍ଟରର ଆଗ୍ରେ ବାହାରିଲା । ଅଦ୍ଭୁତ ଯନ୍ତ୍ର କ୍ଷେତ୍ରରେ ପ୍ରୟୋଗ ହେଉଥିବା ଜେଟ୍ ଭଳି । ଭିତରେ ଦୁଇଜଣ ବ୍ୟକ୍ତି । ଜଣେ ଆମର ପୂର୍ବ ପରିଚିତ ରହେମାନ । ଅପର ଜଣକ ଜଣେ ଚୀନା ବୋଲି ମନେହେଲା ।

ରହମ ପାଙ୍କରୁ ଲକ୍ଷ୍ୟ ଭରିବା ସଙ୍ଗେ ସଙ୍ଗେ ଯୁବକ ଧୀରେ ଧୀରେ ଦୂରରୁ ଦୂରର ବାହାରକୁ ବାହାରିବା ନିମନ୍ତେ ଚେଷ୍ଟା କରିବାକୁ ଲାଗିଲା । ସୂର୍ଯ୍ୟକୁ ଅନ୍ଧକାର ଘୋଡ଼ା ହୋଇ ଥିବାରୁ ତାଙ୍କୁ ଦେଖିବା ନିମନ୍ତେ ଅନ୍ୟ କାହା ପକ୍ଷରେ ସମ୍ଭବ ହେଲା ନାହିଁ ।

ହେଲିକେପ୍ଟରର ଭିତରେ ଜଳୁଥିବା ନୀଳ ଆଲୋକ ଏଥର ଧପ କରି ଲିଭିଗଲା । ତା'ପରେ ଅନ୍ଧକାର ମଧ୍ୟରେ ଆଉ କିଛି ଦେଖିବା ସମ୍ଭବ ହେଲାନ ।

ଏହିସମୟରେ ରହେମନର ଗମ୍ଭୀର କଣ୍ଠ ଶୁଣାଗଲା—ଲେଟ୍ ଅପ୍ ଷ୍ଟାର୍ଟ ।

ପରକ୍ଷଣରେ ଗୁ ରୁଗୁ ରୁ ଗର୍ଜନ କରି ଉଠିଲା ମେସିନ । ମ ଟ ଇଞ୍ଜିନ ଶବ୍ଦ ଅତ୍ୟନ୍ତ ଅସ୍ପଷ୍ଟ । ଏଥର ହେଲିକେପ୍ଟର ଧୀରେ ଧୀରେ ଉପରକୁ ଉଠିବାକୁ ଆରମ୍ଭ କଲା ।

ପୂର୍ବୋକ୍ତ ଯୁବକ ଦ୍ରୁତ ପଦରେ ଆଗେଇ ଆସିଲା ହେଲିକେପ୍ଟରର ଜଙ୍କଟକୁ । ଅନ୍ୟ କୌଣସି ଉପାୟ ନ ଦେଖି ପଛରେ ଥିବା ରଡ୍ ଧରି ଝୁଲି ପଡ଼ିଲା ସେ ।

ଆଶ୍ଚର୍ଯ୍ୟ !

ଯୁବକଟି ପାଗଳ ନା କଣ ? ତା ନହେଲେ ଏପରି ଜାଣି ଜାଣି ମରଣକୁ ବରଣ କରିବାକୁ ଯାଆନ୍ତା କାହିଁକି ?

ହେଲିକେପ୍ଟର ଉଠି ଆସିଲାଣି ଅନେକ ଉପରକୁ । ଦୁଇ ହାତରେ ପାଇପକୁ ଶକ୍ତଭାବରେ ଚାପିଧରି ଯୁବକ ଝୁଲୁଛି ଶୂନ୍ୟରେ ।

ହେଲିକେପ୍ଟର ଏଥର ଦ୍ରୁତଗତିରେ ଗୋଟାଏ ଦିଗକୁ ଲକ୍ଷ୍ୟକରି ଛୁଟି ଚାଲିଲା ଆକାଶ ପଥରେ । ଶୂନ୍ୟରେ ଝୁଲୁଛି ଯୁବକର ଦେହ । ପବନର ଝାପଟା ଲାଗୁଛି ତୀବ୍ରବେଗରେ ।

ମନେହେଲା ଯୁବକଟି କେବଳ ଯେ ଅତ୍ୟନ୍ତ ସାହାସୀ ତା' ନୁହେଁ । ଅସାଧାରଣ ଶକ୍ତିଶାଳୀ ମଧ୍ୟ । ତା' ନହୋଇଥିଲେ ଆକାଶ

ପଥରେ ଝୁଲି ଝୁଲି ଏପରି ଭାବରେ ଯିବା କୌଣସି ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ ।

କେତେ ସମୟ ଯେ ଏଇଭଳି ଭାବରେ ହେଲିକପ୍ଟର ଛୁଟି ଚାଲିଛି ତାର ହିସାବ ନାହିଁ । ସ୍ଥିର ଦୃଷ୍ଟିରେ ଚାହିଁ ରହିଛି ଯୁବକ । ହଠାତ୍ ଚମକି ଉଠିଲା ସେ । ହେଲିକପ୍ଟର ଗତି କ୍ରମଶଃ ମନ୍ଥର ହୋଇ ଆସୁଛି ।

ସାମନାରେ ପର୍ବତଶ୍ରେଣୀ ଲମ୍ବି ଯାଇଛି ଅନେକ ଦୂର ପର୍ଯ୍ୟନ୍ତ । ଯୁବକର ବୁଝିବା କ୍ଷମତେ ଅସୁବିଧା ହେଲାନାହିଁ ଯେ ହେଲିକପ୍ଟର ବର୍ତ୍ତମାନ ଆସି ସିମାନ୍ତରେ ଉପସ୍ଥିତ ହୋଇଛି ।

ନେପାଳର ସୀମାନ୍ତ ପ୍ରଦେଶ ।

ଏଇ ଖାଟୁଂ ପର୍ବତମାଳା ସୀମା ସ୍ଥଳର ଠିକ୍ ନିକଟରେ ଉପସ୍ଥିତ । ମାତ୍ର ଅତ୍ୟନ୍ତ ଦୁର୍ଗମ ଏବଂ ବିପଦ-ସଙ୍କୁଳ । ପର୍ବତ ଶ୍ରେଣୀର ଦୁଇ ପାର୍ଶ୍ୱରେ ଦୁଇ ଦେଶର ସୀମା ଉପସ୍ଥିତ ।

ହେଲିକପ୍ଟରର ଗତି କ୍ରମଶଃ ମନ୍ଥର ହୋଇ ଆସିଲାଣି । ତାର ଲକ୍ଷ୍ୟସ୍ଥଳ ଯେ ଖାଟୁଂ ପର୍ବତମାଳାର କୌଣସି ଅଂଶ ସେକଥା ଯୁବକ ବୁଝି ପାରିଲା । ଅନ୍ଧକାର ମଧ୍ୟରେ ଧୀରେ ଧୀରେ ପର୍ବତ ମାଳା ଉପରେ ହେଲିକପ୍ଟର ଚକ୍କର ଖାଇବାକୁ ଲାଗିଲା । ତାପରେ ଧୀରେ ଧୀରେ ଓହ୍ଲାଇ ଆସିଲା ତଳକୁ ।

ଯୁବକ ଆଉ କାଳ ବିଳମ୍ବ କଲା ନାହିଁ । କଣ ଚିନ୍ତା କଲା ସେ । ତାପରେ ଅନ୍ଧକାର ମଧ୍ୟରେ କୁଦି ପଡ଼ିଲା ତଳକୁ । ଏକ ପଥୁରିଆ ଅଞ୍ଚଳ । ଗୋଟାଏ ବଡ଼ ଗୁଡ଼ା ଉପରେ ଆସି ପଡ଼ିଲା

ଯୁବକ । ବିଶେଷ ଆଘାତ ନପାଇଲେ ମଧ୍ୟ ଦେହରୁ କିଛି ଅଂଶ ଖଣ୍ଡିଆ ହୋଇଗଲା । ମାତ୍ର ଯୁବକ ସେଥିପ୍ରତି ଭ୍ରୂକ୍ଷେପ ନାହିଁ ।

ବନ୍ଦୁକର ବେଗରେ ଉଠି ଠିଆହେଲା ସେ । ଲକ୍ଷ୍ୟ କଲା ତା' ନିକଟରୁ ପ୍ରାୟ ଶହେମିଟର ଦୂରରେ ଏକ ସମତଳ ଅଂଶରେ ହେଲିକପ୍ଟର ଓହ୍ଲାଇ ପଡ଼ିଲା । ହେଲେ ମଧ୍ୟ ଯୁବକର ବୁଝିବା ନିମନ୍ତେ ଅସୁବିଧା ହେଲନାହିଁ ଯେ ସେ ବର୍ତ୍ତମାନ ଦୁର୍ଗମ ଖାଟୁଁ ପର୍ବତମାଳାର ମଧ୍ୟସ୍ଥ ଏକ ଉଚ ପାହାଡ଼ରେ ଠିଆ ହୋଇଛନ୍ତି ।

ଭୟଙ୍କର ବିପଦ ସଙ୍କୁଳ ପାହାଡ଼ ଅରଣ୍ୟ । ଗଭୀର ରାତି । ବିଦେଶ । ଏ ପରିସ୍ଥିତିରେ ଅନ୍ୟ କେହି ହୋଇଥିଲେ ଭୟରେ ତାର ହୃତ୍‌ସ୍ପନ୍ଦ ବି ସ୍ଥା ବନ୍ଦ ହୋଇ ପାରନ୍ତାଣି । ମାତ୍ର କେଜାଣି କାହିଁକି ଯୁବକର ଓଠ ଫାଙ୍କରେ ଏକ ରହସ୍ୟମୟ ହାସ୍ୟରେଖା ଫୁଟିଉଠି ମିଳାଇଗଲା ।

କାରଣ ସେ ତ' ଆଉ ସାଧାରଣ ଯୁବକ ନୁହେଁ । ସେ ଅସାଧାରଣ । ଅପରାଜେୟ । ମହାଶକ୍ତିଶାଳୀ ଦସ୍ୟୁ ସମ୍ରାଟ ରଞ୍ଜନ ।

ହଁ ସେଇ ଯୁବକ ହିଁ ଦସ୍ୟୁ ରଞ୍ଜନ ।

ଓଜିନେବଲ ଇମ୍ପୋର୍ଟ ଏଣ୍ଡ ଏକ୍ସପୋର୍ଟ ।

କାରବାର ବନ୍ଦ ହୋଇ ଗଲାଣି ଅନେକ ସମୟରୁ । ଦୋକାନର ଗୋଟାଏ ପାଖ କବାଟ ବନ୍ଦ କରି କାଉଣ୍ଟରରେ

ବସିଥିବା ଯୁବକଟି ଗୋଟାଏ ରେଜିଷ୍ଟାର ଉପରେ ମୁହଁ ମାଡ଼ି କଣ ଦେଖୁଥିଲା ।

ଅବଶ୍ୟ ମଝିରେ ମଝିରେ ଗୋପନ ଦୃଷ୍ଟି ବୁଲାଇ ଆଣୁଛି ଚତୁର୍ଦ୍ଦିଗରେ ।

ଢ଼ଂ କରି ଦିଆଲ ଘଡ଼ିରେ ଘଣ୍ଟା ଗୋଟାଏ ବାଜିବାର ସୂଚନା ଦେଲା । ଚମକି ଉଠିଲା ଯୁବକ । ରେଜିଷ୍ଟାର ବନ୍ଦ କରି ଉଠି ଠିଆ ହେଲା ସେ ।

ଆଗେଇ ଆସି କ୍ଷିପ୍ର ହସ୍ତରେ ଦରଜା ବନ୍ଦ କରିଦେଲା ଭିତର ପଟରୁ । ପୁନର୍ବାର ଫେରି ଆସିଲା କାଉଣ୍ଟର ନିକଟକୁ । ସୋ-କେଶ୍ ଭିତରେ ହାତ ପୂରାଇ କୋଣକୁ ଲାଗିଥିବା ଏକ କ୍ଷୁଦ୍ର ଚେନ୍ ଧରି ଯୁବକଟି ଟାଣିଦେଲା ।

ପରକ୍ଷଣରେ ଦେଖାଗଲା, ସୋ-କେଶ୍ ନିକଟରୁ ଅଳ୍ପ ଦୂରରେ କାନ୍ଥ ନିକଟରେ ବର୍ଗାକୃତିର ଖଣ୍ଡିଏ ପଥର ଧୀରେ ଧୀରେ ଝୁଲି ପଡ଼ିଲା ତଳକୁ । ଯୁବକ ଓଠ ଫାଙ୍କରେ ଧାରେ ରହସ୍ୟମୟ ହସ ଫୁଟିଉଠି ମିଳାଇଗଲା ।

ଦ୍ରୁତପଦରେ ସେ ଆଗେଇ ଆସିଲା ସେଇ ସୃଷ୍ଟି ହୋଇଥିବା ରନ୍ଧ୍ର ନିକଟକୁ । ଦେଖାଗଲା ତଳକୁ ତଳକୁ ଲମ୍ବି ଯାଇଛି କେଇଟି କ୍ଷୁଦ୍ର କ୍ଷୁଦ୍ର ପାହାଚ । ଯୁବକଟି ଆଉ ବିଳମ୍ବ ନକରି ସେଇ ପାହାଚ ଦେଇ ତଳକୁ ଓହ୍ଲାଇଗଲା ।

ସାତଟି ପାହାଚ ଓହ୍ଲାଇ ତଳେ ପାଦ ଦେଲା ଯୁବକ । ଏକ କ୍ଷୁଦ୍ରାକାର କୋଠରୀ । ଭିତରେ କୌଣସି ବଲ୍‌ବ ଇତ୍ୟାଦି ଜଳୁ

ନଥିବେ ମଧ୍ୟ କେଉଁଠାରୁ ଅସ୍ପଷ୍ଟ ଆଲୋକ ଆସି ପଡ଼ୁଛି କୋଠରୀ ଭିତରେ । ଗୋଟାଏ କୋଣକୁ ଏକ କ୍ଷୁଦ୍ର ଦରଜା ।

ନିକଟକୁ ଆସି ଯୁବକ ଠିଆହେଲେ । ଦରଜା ନିକଟରେ ରହିଛି ଗୋଟାଏ ସୁଇଚ୍‌ବୋର୍ଡ଼ । ମାତ୍ର ସୁଇଚ୍ ପରିବର୍ତ୍ତେ ବୋର୍ଡ଼ରେ କେବଳ କେତେଗୁଡ଼ାଏ ସଂଖ୍ୟା କ୍ରମାନ୍ୱୟରେ ଲେଖା ହୋଇଛି ।

ଯୁବକ କ୍ଷିପ୍ର ହସ୍ତରେ ସଂଖ୍ୟାଗୁଡ଼ିକ ମଧ୍ୟରୁ କେତୋଟି ଉପରେ କ୍ରମାନ୍ୱୟରେ ଚାପ ଦେଲେ । ପରକ୍ଷଣରେ ସର୍ ସର୍ ଶବ୍ଦ । ଧୀରେ ଧୀରେ ଉନ୍ମୁକ୍ତ ହୋଇଗଲା ଲୁହା ଦରଜା ।

ଗୁପ୍ତଦ୍ୱାର ଦେଇ ଯୁବକ ପ୍ରବେଶ କଲେ ଭିତରେ । ଭିତରେ କେତୋଟି କୋଠରୀ ରହିଛି । ମଝିରେ ସରୁ କରିଡ଼ର୍ । ଆଲୋକର ଅଭାବ । ଯୁବକଟି ଅନ୍ୟ କେଉଁଆଡ଼େ ଦୃଷ୍ଟିପାତ ନକରି ଦ୍ରୁତ ପଦରେ ଆଗେଇ ଆସି ଠିଆହେଲେ ସ୍ୱରନମ୍ବର କୋଠରୀ ସାମନାରେ ।

ଦରଜା ନିକଟରେ ସୁଇଚ୍ ଭଳି ନମ୍ବର ବୋର୍ଡ଼ । କେତୋଟି ସଂଖ୍ୟା ଉପରେ କ୍ରମାନ୍ୱୟରେ ଅଙ୍ଗୁଳି ଚାପ ଦେବା ପରେ ଲୁହା ଦରଜା ଖୋଲିଗଲା । ଯୁବକ ପ୍ରବେଶ କଲେ ଭିତରେ । ଦେଖାଗଲା ଏକ ଚେୟାର ଉପରେ ବସି ରହିଛନ୍ତି ରଜତବାବୁ । ହାତ ପାଦ ତାଙ୍କର ଚେୟାର ସହିତ ଶକ୍ତ ଭାବରେ ବନ୍ଧା ହୋଇଛି ରେଶମ ଦଉଡ଼ିରେ ।

ରଜତବାବୁ ଗଭୀର ନିଦ୍ରାମଗ୍ନ । ଦ୍ରୁତ ପଦରେ ସେହି ଆଡ଼କୁ ଆଗେଇ ଆସିଲେ ଯୁବକ । ସେ ବୁଝି ପାରିଲେ ରଜତବାବୁଙ୍କ ଉପରେ ଆତତାୟୀ ଦଳ ଯଥେଷ୍ଟ ଅତ୍ୟାଚାର ମଧ୍ୟ କରିଛନ୍ତି ।

ଯୁବକ ନିକଟରେ ପ୍ରଚଣ୍ଡ କ୍ଷିପ୍ର ହସ୍ତରେ ରଜସ୍ୱ ବାବୁଙ୍କର ବନ୍ଧନ ଖୋଲିବାକୁ ଲାଗିଲା । ଚମକି ଉଠିଲେ ରଜସ୍ୱବାବୁ । ମାତ୍ର ଈଶାରାରେ ତାଙ୍କୁ ଚୁପ୍ ରହିବା ଲାଗି କହିଲା ଯୁବକ । ରଜସ୍ୱବାବୁ ଅବାକ ହେଲେ ମଧ୍ୟ ନୀରବ ରହିଲେ ।

ହାତ ଓ ଗୋଡ଼ର ବନ୍ଧନ ଭଲ ଭାବରେ ଖୋଲିଦେବା ପରେ ଯୁବକ ନରମ କଣ୍ଠରେ ପ୍ରଶ୍ନ କଲା—ଚାଲିପାରି ପାରିବେ ?

ରଜସ୍ୱବାବୁ କହିଲେ—କିନ୍ତୁ···

ବାଧା ଦେଇ ଯୁବକ କହିଲା—ସେସବୁ ପରେ—ଆପଣ ମୋ ସହିତ ଆସନ୍ତୁ ।

ଯୁବକ ସହିତ ରଜସ୍ୱବାବୁ ଅଳ୍ପକ୍ଷଣ ମଧ୍ୟରେ ଉକ୍ତ ଦୋକାନ ଘରେ ଆସି ଉପସ୍ଥିତ ହେଲେ । ଦରଜା ସାମାନ୍ୟ ଫାଙ୍କ କରି ଯୁବକ ବାହାରକୁ ଚାହିଁଲା । ତାପରେ ରଜସ୍ୱବାବୁଙ୍କୁ ସାଥିରେ ନେଇ ବାହାରି ଆସିଲା ବାହାରକୁ ।

ଅଦୂରରେ ଗୋଟାଏ ଖୁମ୍ବ ଆଡ଼ୁଆଳରେ ରହିଛି ଏକ ଶକ୍ତିଶାଳୀ ମୋଟର ସାଇକେଲ । ଯୁବକ ମୋଟର ବାଇକ୍ ଷ୍ଟାର୍ଟ କରି ନେଇ ଆସିଲା ରଜସ୍ୱବାବୁଙ୍କ ପାଖକୁ । ରଜସ୍ୱବାବୁ ବସିବା ମାତ୍ରକେ ମୋଟର ବାଇକ୍ ତୀବ୍ର ବେଗରେ ଛୁଟି ଚାଲିଲା ଆଗକୁ ।

କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥିଲେ ରଜସ୍ୱବାବୁ । ଏଇଟା ଶତ୍ରୁପକ୍ଷର କୌଣସି ନୂତନ ଷ୍ଟଲ୍ ନୁହେଁ ତ ? ମାତ୍ର ଅଳ୍ପ ସମୟ ମଧ୍ୟରେ ତାଙ୍କର ଧାରଣା ପରିବର୍ତ୍ତିତ ହେଲା । ସେ ଦେଖିଲେ ମୋଟର ସାଇକେଲ୍ ଆସି ବ୍ରେକ୍ କଷିଲା ରଜସ୍ୱବାବୁଙ୍କ କୋଠି ସାମନାରେ ।

କମ୍ପାଉଣ୍ଡ ଭିତରକୁ ଆସିବା ପରେ ଇଞ୍ଜିନ ବନ୍ଦକଲା ଯୁବକ । ତାପରେ ବିଜୟବାବୁଙ୍କ ସହିତ ଦୁହେଁ ଆଗେଇ ଗଲେ ଭିତରକୁ ।

ମଧୁକୁ କଫି ଅର୍ଡର କରିବାକୁ କହି ବିଜୟବାବୁ ଏବଂ ସେହି ଯୁବକ ଆସି ସୋଫା ଉପରେ ବସିଲେ । ପ୍ରଶ୍ନବାଚକ ଦୃଷ୍ଟିରେ ବିଜୟବାବୁ ଚାହିଁଲେ ଯୁବକ ଆଡକୁ ।

ଯୁବକ ମୃଦୁ ହସି କହିଲା—ମୋର ପରିଚୟ ଜାଣିବା ନିମନ୍ତେ ଆପଣ ଖୁବ୍ ବ୍ୟସ୍ତହୋଇ ପଡ଼ିଲେଣି, ନୁହେଁ ? ଠିକ୍ ଅଛି ଏଇ ନିଅନ୍ତୁ ।

ଜିନ୍ସଧାରୀ ନିଜ ପକେଟ ଭିତରୁ ଗୋଟାଏ ଆଇଡେଣ୍ଟିଟି କାର୍ଡ ବାହାର କରି ବଢ଼ାଇଦେଲା ବିଜୟବାବୁଙ୍କ ଆଡ଼କୁ । ବିଜୟ ବାବୁ ଆଖି ବୁଲାଇ ଆଣିଲେ । ଲେଖା ଅଛି—

ରବୀନ୍ଦ୍ର କୁମାର ରାୟ ।
ଇନସ୍‌ପେକ୍ଟର, ସି: ଆଇ:

ମୃଦୁ ହସି କାର୍ଡ ଫେରାଇ ଦେଲେ ବିଜୟ ବାବୁ ।

ଯୁବକ ଅର୍ଥାତ ରବୀନ୍ଦ୍ର ରାୟ କହିଲେ—ଏଇ ସ୍ମଗ୍‌ଲିଂ କେସ ପାଇଁ ମୁଁ ମଧ୍ୟ ନିଯୁକ୍ତ ହୋଇଛି ବିଜୟବାବୁ ! କେଇଦିନ ହେଲା ଆପଣଙ୍କୁ ମୁଁ ଲୁଚାଇକି ଅନୁସରଣ କରି ଆସିଛି । ଜାଣିଥିଲି ସେମାନେ ଆପଣଙ୍କ ଉପରେ ନିଶ୍ଚୟ ଆକ୍ରମଣ କରିବେ । ସେ ଯାହେଉ ଆପଣ ବର୍ତ୍ତମାନଠାରୁ ମୋତେ ଏଇ କେସ୍‌ରେ ସାହାଯ୍ୟ କଲେ ମୁଁ ବିଶେଷ ଉପକୃତ ହୁଅନ୍ତି ।

ବଜୟବାବୁ ଏବଂ ରବୀନ୍ଦ୍ରଙ୍କ ମଧ୍ୟରେ ଆଉ କିଛି ସମୟ ଧରି ଭଣ ଆଲୋଚନା ହେଲା । ମଝିରେ କଫି ଆସି ଦେଇ ଯାଇଥିଲା ମଧ୍ୟ । କଫିପାନ କରିବା ପରେ ରବୀନ୍ଦ୍ର ଉଠି ଠିଆହେଲେ ।

କହିଲେ—ଏଥର ମୋତେ ବିଦାୟ ଦିଅନ୍ତୁ । ପୁଣି ଯଥା ସମୟରେ ଆପଣଙ୍କ ସହ ସାକ୍ଷାତ କରିବି ।

ରବୀନ୍ଦ୍ର ବାହାରକୁ ବାହାରି ଆସିଲେ ।

ଔଂ ବଟମାଳା ।

ସୀମ.ନ୍ତ ପ୍ରଦେଶର ସେଇ ଦୁର୍ଗମ ଅଭେଦ୍ୟ ପାହାଡ଼ ଅରଣ୍ୟ । ସମୟ ରାତି ପ୍ରାୟ ନଅଟା । ପ୍ରବଳ ଶୀତ ପଡ଼ୁଛି । ସେଇ ଶୀତରେ ଦେଖାଗଲା ଅନ୍ଧକାର ମଧ୍ୟରେ ଯଥା ସମ୍ଭବ ଆତ୍ମଗୋପନ କରି କରି ଆଗେଇ ଚାଲିଛି ଜଣେ ବଳିଷ୍ଠ ଯୁବକ । ସେ ଆମର ପରିଚିତ ଦସ୍ୟୁ ରଞ୍ଜନ ବ୍ୟତୀତ ଆଉ କେହି ନୁହେଁ ।

ଅନ୍ଧକାର ମଧ୍ୟରେ ଆଗେଇ ଚାଲିଛି ରଞ୍ଜନ । ଶିକାରୀ ସିଂହ ଭଳି ।

ହଠାତ୍ ରଞ୍ଜନ ଥମିଗଲା । ପାଦ ତଳ ଦେଇ ଗୋଟାଏ ସାପ ଶର ବେଗରେ ଛୁଟିଗଲା ଆଗକୁ । ଅନ୍ଧକାର ମଧ୍ୟରେ ରଞ୍ଜନର ଆଖି ଦୁଇଟି ଅଭ୍ୟସ୍ତ ହୋଇ ପଡ଼ିଛି । ଆଗେଇବା ନିମନ୍ତେ କେବଳ ହିଂସ୍ରଜନ୍ତୁ ଏବଂ ବନ ବୃକ୍ଷଲତା ଇତ୍ୟାଦିକୁ ଛାଡ଼ିଦେଲେ

ଆଉ ପ୍ରତିବନ୍ଧକ ସୃଷ୍ଟି କରିବା ଭଳି କିଛି ଏ ପର୍ଯ୍ୟନ୍ତ ତା ଆଖିରେ ପଡ଼ିନି ।

ଧୀର, ସତର୍କ ପଦରେ ଅଗେଇ ଚାଲିଛି ରଞ୍ଜନ । ଖାସ୍ତ୍ରୀଂ ପର୍ବତମାଳାର ଏଇ ଅରଣ୍ୟରେ ଏକାକୀ ରାତିରେ ଘୂରି ବୁଲିବା କେତେ ଭୟଙ୍କର ସେକଥା କେବଳ ଅନୁଭବୀ ମାନଙ୍କେ ହିଁ ବୁଝି ପାରିବେ ।

କିଛିଦୂର ଆସିବା ପରେ ଗୋଟାଏ ସ୍ଥାନରେ ରଞ୍ଜନ ଅଟକି ଗଲା । କିଛିଟା ସମତଳ ଭୂମି । ତେବେ ଚାରିପାଖରେ ଜଙ୍ଗଲଟାରେ ଏପରି ଘଞ୍ଚ ହୋଇ ପଡ଼ିଛି ଯେ ଏକ ଜଙ୍ଗଲଟାର କୋଠରୀ ଭଳି ମନେ ହେଉଛି ।

ସ୍ଥାନଟି ଖାସ୍ତ୍ରୀଂ ପର୍ବତମାଳାର ଠିକ୍ ମଧ୍ୟସ୍ଥଳରେ । ଏହାର ଉଭୟ ପାର୍ଶ୍ୱରେ ଦୁଇଦେଶର ସୀମା । ଉଭୟ ଦେଶରେ ପ୍ରହରୀ ସର୍ବଦା ଜାଗ୍ରତ । ତେବେ ଏଇ ସ୍ଥାନଟି ସୁରକ୍ଷିତ ଅଞ୍ଚଳ । ଅର୍ଥାତ୍ କୌଣସି ଦେଶର ଅନ୍ତର୍ଭୁକ୍ତ ନୁହେଁ ।

ଏଇଠାରେ କୌଣସି କ୍ଷେତ୍ରରେ ଗୁପ୍ତଭାବରେ ଏକ ସୁଡ଼ଙ୍ଗ ଅଚ୍ଛା ଗଢ଼ି ତୋଳିଛି ଅନ୍ତର୍ଜାତିକ କୁଖ୍ୟାତ ସ୍ମଗଲର ହ୍ୟାରି ଜନ୍ ସନ୍ । ବହୁ ଦେଶର ପୁଲିସ ଏବେ ମଧ୍ୟ ତାକୁ ଖୋଜି ବୁଲୁଛନ୍ତି । କିନ୍ତୁ ସମସ୍ତଙ୍କ ଆଖିରେ ଧୂଳିଦେଇ ଏଠାରେ ଅବାଧରେ ସ୍ମଗ୍ଲିଂ କାରବାର ଚଳାଇ ଚାଲିଛି ସେ ।

କୁଞ୍ଜ ନିକଟରେ ପହଞ୍ଚି ରଞ୍ଜନ ଅଟକି ଗଲା । ଥରେ ସତର୍କ ଦୃଷ୍ଟି ବୁଲାଇ ଆଣିଲା ଚତୁର୍ଦ୍ଦିଗରେ । ନା, କେହି କୁଆଡ଼େ ନାହାନ୍ତି । ରଞ୍ଜନ ଦ୍ରୁତ ପଦରେ ସେହି କୁଞ୍ଜ ମଧ୍ୟରେ ପ୍ରବେଶ କଲା ।

ଭିତରେ ଗାଢ଼ ଅଂଧକାରର ରାଜତ୍ୱ । ତଥାପି ଅଂଧକାର ମଧ୍ୟରେ ଦେଖିବାରେ ଅଭ୍ୟସ୍ତ ହୋଇ ପଡ଼ିଥିବାରୁ ଭିତରର ଦୃଶ୍ୟ ତା' ସାମନାରେ ଝାପସା ଝାପ୍‌ସା ହୋଇ ଫୁଟି ଉଠିଲା ।

ଭିତରେ କେହି ନାହାନ୍ତି ବୋଲି ଦୃଢ଼ ବିଶ୍ୱାସ ହେବା ପରେ ରଞ୍ଜନ ପକେଟରୁ ଗୋଟାଏ ପେନ୍‌ସିଲ୍ ଟର୍ଚ୍ଚ ବାହାର କଲା । ସ୍ୱଳ୍ପ ଆଲୋକରେ ଦେଖାଗଲା ସ୍ଥାନଟି ବର୍ଗାକାର । ଗଛଲତା ସବୁ ଏପରି ଭାବରେ ଭାଙ୍ଗି ରହିଛି ଯେ ଏକ କ୍ଷୁଦ୍ର କୋଠରି ଭଳି ମନେ ହେଉଛି ।

କାନ୍ଥଭଳି ବୃକ୍ଷଶାଖାରୁ ଘନ ହୋଇ ଘେରି ରହିଛି ଗଛଲତା । ବାହାରୁ ଦେଖିଲେ ଏଇ କୁଞ୍ଜଟି ହଠାତ୍ କାହା ଆଖିରେ ପଡ଼େନା । ଭିତରେ ବେଶ୍ ପରିଷ୍କାର । ଅବଶ୍ୟ ଘାସ ଜନ୍ମି ରହିଛି । ମାତ୍ର ଅପରିଚ୍ଛନ୍ନତା ସୃଷ୍ଟି କଲାଭଳି କିଛି ନାହିଁ ।

ହଠାତ୍ ରଞ୍ଜନ ସଜାଗ ହୋଇ ଉଠିଲା । ଅଦୂରରୁ ଭାସି ଆସୁଛି ଏକ ଅସ୍ପଷ୍ଟ ଶବ୍ଦ । ମନେହେଲା କେହି ଏଇ ଆଡ଼କୁ ଆସୁଛି । ତେବେ ଶବ୍ଦବାରୁ ରଞ୍ଜନ ଅନୁମାନ କଲା ଆଗନ୍ତୁକ ଜଣେ ନୁହେଁ । ବୋଧହୁଏ ଦୁଇ ତିନିଜଣ ।

ତତ୍‌କ୍ଷଣରେ ଟର୍ଚ୍ଚ ଲିଭାଇ ଦେଇ ସେ ପକେଟ ଭିତରେ ରଖିଲା । ତାପରେ କ୍ଷିପ୍ର ହସ୍ତରେ ଗୋଟାଏ ମୋଟା ଗଛ ଉପରକୁ ଚଢ଼ିଗଲା । ଅଂଧକାରରେ ଚଢ଼ିବା ନିମନ୍ତେ ରଞ୍ଜନର କୌଣସି ଅସୁବିଧା ହେଲାନାହିଁ । କାରଣ ଏ ପ୍ରକାର କାର୍ଯ୍ୟରେ ସେ ସୁଦକ୍ଷ

ଗଛର ଅନେକ ଉପରକୁ ଉଚ୍ଚ ଘଞ୍ଚପତ୍ର ବିଶିଷ୍ଟ ଗୋଟାଏ ସ୍ଥାନ ନିକଟରେ ସେ ଆତ୍ମଗୋପନ କରି ବସି ରହିଲା । ଏକେତ ଅଂଧକାର । ତେଣୁ ତାର ସ୍ଥିତି ସମ୍ପର୍କରେ ଜାଣିବା ଏକପ୍ରକାର ଅସମ୍ଭବ କହିଲେ ଚଳେ ।

ବସିରହି ଗଳକୁ ଖୁଣ୍ଟି ରହିଛି ରଞ୍ଜନ । ପାଦଶବ୍ଦ ଧୀରେ ଧୀରେ ପାଖେଇ ଆସୁଛି । କ୍ରମଶଃ କୁଞ୍ଜର ଦ୍ୱାର ନିକଟରେ ପହଞ୍ଚିବା ପରେ ଥମିଗଲା ସେଇ ଶବ୍ଦ । ଦେଖାଗଲା ଦୁଇଟା ବନଗୁପ୍ତ ଧୀରେ ଧୀରେ ପ୍ରବେଶ କଲେ କୁଞ୍ଜ ଭିତରକୁ ।

ଜଣେ ଆଗନ୍ତୁକ ହାତରେ ଏକ କ୍ଷୁଦ୍ର ପେନ୍‌ସିଲ୍ ଟର୍ଚ୍ଚ ଜଳି ଉଠିଲା । ଭଲଭାବରେ ଚତୁର୍ଦ୍ଦିଗ ପରୀକ୍ଷା କରି ଦେଖିଲା ଲୋକଟି । କାହାରିକୁ ଦେଖିବାକୁ ନପାଇ ଆଶ୍ୱସ୍ତ ହେଲା ବୋଧହୁଏ । ଦୁହେଁ ଆଗେଇ ଆସି କୁଞ୍ଜର ଗୋଟାଏ କୋଣରେ ବସି ପଡ଼ିଲେ ।

ତାପରେ ସବୁ ଚୁପ୍‌ଚାପ୍ ।

କୌଣସି କଥାବାର୍ତ୍ତା ମଧ୍ୟ ନାହିଁ । ରଞ୍ଜନ ବୁଝି ପାରିଲା ଆଗନ୍ତୁକ ଦୁଇଜଣ ସେଇ କୁଞ୍ଜ ମଧ୍ୟରେ ବସିରହି କାହାକୁ ପ୍ରତୀକ୍ଷା କରୁଛନ୍ତି ।

ଆଗ୍ରହ ସହକାରେ ରଞ୍ଜନ ମଧ୍ୟ ନୀରବରେ ପ୍ରତୀକ୍ଷା କରିବାକୁ ଲାଗିଲା ।

ପ୍ରାୟ ଅଧଘଣ୍ଟାର ନୀରବ ବିରକ୍ତିକର ପ୍ରତୀକ୍ଷା ।

ହଠାତ୍ ଚମକ ଉଠିଲ ଭଞ୍ଜନ । ଅଦୂରରେ ଟଳଟଳୁଥିବା ଏ ଜ୍ୟୋତିର୍ମୟ ଲୋକ ସବୁ ଆସୁଛନ୍ତି । ମାତ୍ର ଜ୍ୟୋତିର୍ମୟ ଲୋକଙ୍କର ସ୍ଥିର ଗତି ଲକ୍ଷ୍ୟ କରି ମନେ ମନେ ଅବାକ୍ ହେଲା ସେ ।

ଏହି ସମୟରେ କୁଞ୍ଜ ମଧ୍ୟରେ ଥିବା ଅନ୍ଧକାର ଚହଲି ଉଠିଲ । ଆଗନ୍ତୁକ ଦୁଇଜଣ ଉଠି ଠିଆହେଲେ । ଜଣେ କୋଟ୍ ପକେଟ୍‌ରେ ହାତ ପୂରାଇ ବାହାର କରି ଆଣିଲ ଏକ ଅଦ୍ଭୁତ ଧରଣର ଟର୍ଚ୍ଚ ।

ଟର୍ଚ୍ଚର ସୁଇଚ୍ ଅନ୍ କରିବା ପରେ ଦେଖାଗଲା, ଝଲ ଝଲ ହୋଇ ମ୍ଲାନ ଆଲୋକ ରଶ୍ମି ଛିଟିକି ପଡ଼ିଲ ବାହାରକୁ । ଏଥର ହାତ ହଲାଇ ସେ ଟର୍ଚ୍ଚକୁ ଆନ୍ଦୋଳିତ କରିବାକୁ ଲାଗିଲ । ଦେଖି ମନେହେଲ ଯେପରି କେତୋଟି ଜ୍ୟୋତିର୍ମୟ ଲୋକ ଦୂରେ ବୁଲୁଛନ୍ତି ।

ଅତଃପରେ ଜ୍ୟୋତିର୍ମୟ ଲୋକ ସବୁ ଏମିତି ଊର୍ଦ୍ଧ୍ୱ ସୀମା ନେଇ ଘୂରି ବୁଲିବାର ଦେଖାଗଲା । ତାରେ ରହସ୍ୟମୟ ହସ ଫୁଟିଉଠି ମିଳାଇଗଲ ଭଞ୍ଜନ ଓଠରେ । ଏଥର ଜ୍ୟୋତିର୍ମୟ ରହସ୍ୟ ବୁଝିବା ନିମନ୍ତେ ତାର କୌଣସି ଅସୁବିଧା ହେଲ ନାହିଁ ।

କୁଞ୍ଜ ମଧ୍ୟରେ ଥିବା ଛାୟାମୂର୍ତ୍ତି ଦୁଇଟି କୁଞ୍ଜର ପ୍ରବେଶ ଦ୍ୱାର ନିକଟରେ ଠିଆହେଲେ । କେଇ ସେକେଣ୍ଡ ପରେ ଆଉ ଦୁଇଜଣ ଆଗନ୍ତୁକ ଆସି କୁଞ୍ଜ ନିକଟରେ ଠିଆହେଲେ ।

ଜ୍ୟୋତିର୍ମୟ ସବୁ ଅଦୃଶ୍ୟ ହୋଇଗଲେ ।

ଅନ୍ଧକାର ମଧ୍ୟରେ କାହାର ଗମ୍ଭୀର କଣ୍ଠ ଶୁଣାଗଲ—

—କୋର୍ଡ ?

ଅଗନ୍ତୁକଙ୍କ ମଧ୍ୟରୁ ଜଣେ ଉତ୍ତର ଦେଲ—ରେ ଲ୍ଡ଼ ସୁହ୍ ।

ମୃଦୁହାସ ଫୁଟି ଉଠିଲ ପ୍ରଶ୍ନକର୍ତ୍ତାର ଓଠରେ ।

ଅଗନ୍ତୁକଙ୍କ ସଙ୍ଗରେ ଦୁଇଟା ବଡ଼ ଧରଣର ବ୍ରିଫକେସ ରହିଛି । ସେ ଦୁଇଟିକୁ ଅଣାଗଲ କୁଞ୍ଜ ଭିତରକୁ । କୁଞ୍ଜ ମଧ୍ୟରେ ପୂର୍ବରୁ ଛପି ରହିଥିବା ଛାୟାମୂର୍ତ୍ତିଙ୍କ ମଧ୍ୟରୁ ଜଣେ ଏକ ମଧ୍ୟମ ଧରଣର ଆଟାଚି କେସ୍ ବଢ଼ାଇଦେଲେ ଆଗନ୍ତୁକଙ୍କ ହାତକୁ ।

କେଇ ସେକେଣ୍ଡ ମାତ୍ର । ତାପରେ ଆଗନ୍ତୁକ ଦୁଇଜଣ ନିରବରେ ମିଶିଗଲେ ଅନ୍ଧକାର ମଧ୍ୟରେ ।

ପୂର୍ବୋକ୍ତ ଦୁଇଜଣ ଦୂରବୃତ୍ତ ଠିଆହୋଇ ସେଇ ଆଡ଼କୁ ଚାହିଁ ରହିଲେ କିଛି ସମୟ ପର୍ଯ୍ୟନ୍ତ । ତାପରେ ବ୍ରିଫ୍‌କେସ୍ ଦୁଇଟି ଉଠାଇ ନେଇ ଆଗେଇ ଆସିଲେ କୁଞ୍ଜର କୋଟାଏ କୋଣକୁ ।

କୋଣରେ ଗୋଟାଏ ପଥର ପଡ଼ିଛି । ବେଶ୍ ବଡ଼ ଧରଣର ନହେଲେ ମଧ୍ୟ ଛୋଟ ନୁହେଁ । ଉପରେ ଶିଉଳି ଧରିଗଲାଣି । ଜଣେ ଆଗେଇଗଲ, ପଥର ତଳେ ଗୋଟାଏ ସ୍ଥାନରେ ହାତ ଭର୍ତ୍ତି କରି ଦେଖିଲ ।

ମୁହୂର୍ତ୍ତେ ମାତ୍ର, ତାପରେ ସେଇ ପଥର ଖଣ୍ଡିକ ଆସ୍ତେ ଆସ୍ତେ ଉଠିଗଲ କିଛି ଉପରକୁ । ପ୍ରାୟ କଟିପୃଷ୍ଠ ପର୍ଯ୍ୟନ୍ତ । ତଳରେ ଏକ

ଫାଟ ଗର୍ତ୍ତ । ଅନ୍ଧକାର ଭରି ରହିଛି । ଆଗନ୍ତୁକ ଦୁଇଜଣ ଆଉ କାଳ ବିଳମ୍ବ ନକରି ସେହି ଗର୍ତ୍ତ ମଧ୍ୟରେ କ୍ଷିପ୍ରବେଗ ସହିତ ଲୁଚି ଯାଇ ଅଦୃଶ୍ୟ ହୋଇଗଲେ । କିଛି ସମୟ ପର୍ଯ୍ୟନ୍ତ ରଞ୍ଜନ ଗଛ ଉପରେ ସ୍ଥିରହୋଇ ବସି ରହିଲା । ତାପରେ ଧୀରେ ଧୀରେ ଓହ୍ଲାଇ ଆସିଲା ତଳକୁ ।

ପଥର ନିକଟରେ ପହଞ୍ଚି ରଞ୍ଜନ ହାତ ତଳେ ବୁଲାଇ ପରୀକ୍ଷା କରି ଦେଖିଲା । ଗୋଟାଏ କୋଣରେ ପଥର ଅଙ୍ଗକୁ ଲାଗି ରହିଛି ଏକ କ୍ଷୁଦ୍ର ହେଣ୍ଡଲ୍ ଟିଏ ।

ହାତରେ ଧରି ଟାଣିଦେଲା ରଞ୍ଜନ । ଘରଘର ଶବ୍ଦ ହେଲା । ତତକ୍ଷଣରେ ପଥର ଖଣ୍ଡିକ ଉଠିଆସିଲା ଉପରକୁ । ରଞ୍ଜନ ନିଜର ଫେଲ୍ଟ ହ୍ୟାଟ୍‌କୁ ଆଉ ଟିକେ ତଳକୁ ଟାଣି ଆଣିଲା । ତାପରେ ଲୁଚି ପଶିଲା ସେଇ ଗୁପ୍ତ ଦ୍ୱାର ଭିତରକୁ ।

ଭିତରେ ଗାଢ଼ ଅନ୍ଧକାର । ତଳକୁ ଆସିବା ପରେ ରଞ୍ଜନ ବୁଝିପାରିଲା ଗୋଟାଏ ପାହାଚ ଉପରେ ସେ ପାଦ ଦେଇଛି । ଧୀରେ ଧୀରେ ସେ ଓହ୍ଲାଇ ଆସିଲା ତଳକୁ ।

କୋଡ଼ିଏଟି ପାହାଚ ଅତିକ୍ରମ କରିବା ପରେ ଏକ କ୍ଷୁଦ୍ରାକାର କୋଠରିରେ ପାଦଦେଲା ରଞ୍ଜନ । ଭିତରେ ଅନ୍ଧକାରରେ କିଛି ଦେଖିବା ସମ୍ଭବ ହେଲନାହିଁ । କିଛିକ୍ଷଣ ନୀରବରେ ଠିଆହୋଇ ସେ ଅପରର ଉପସ୍ଥିତି ଜାଣିବା ନିମନ୍ତେ ଚେଷ୍ଟା କଲା । ମାତ୍ର କେଇ ମିନିଟ୍ ପରେ ସେ ବୁଝିପାରିଲା କ୍ଷୁଦ୍ର କୋଠରି ମଧ୍ୟରେ ତାଛଡ଼ା ଆଉ କେହି ନାହାନ୍ତି ।

ପକେଟ୍ ଭିତରୁ ପେନସିଲ୍ ଟର୍ଚ୍ଚ ବାହାର କରି ରଞ୍ଜନ ଜଳାଇଲା । ଦେଖାଗଲା କୋଠରି ଭିତରେ କୌଣସି ପ୍ରକାର ଆସବାବପତ୍ର ନାହିଁ । କେବଳ କାନ୍ଥର ଗୋଟାଏ କୋଣକୁ ଚଉକାର ଏକ ହ୍ୟାଣ୍ଡେଲ ଲାଗିଛି ।

ରଞ୍ଜନ ଅଗେଇ ଆସି ହ୍ୟାଣ୍ଡେଲ ଧରି ବୁଲାଇ ଦେଲା । ଆଉ ପରକ୍ଷଣରେ ତାର ସାମନାର କାନ୍ଥର ଏକ ଅଂଶ ଘୁଞ୍ଚିଗଲା ଗୋଟାଏ ପାଖକୁ । ଗୁପ୍ତ ଦ୍ୱାର ମଧ୍ୟ ଦେଇ ରଞ୍ଜନ ପ୍ରବେଶ କଲା ଭିତରେ ।

ଆଉ ଠିକ୍ ଏହି ସମୟରେ ଚମକି ଉଠିଲା ସେ । ତା ପଛରେ ଏକ ଶକ୍ତ ନଳ ଆସି ଲାଗିଲା । ତାହା ଯେକୌଣସି ମାରଣାସ୍ତ୍ରର ନଳୀ, ସେକଥା ବୁଝିବା ଲାଗି ରଞ୍ଜନର ଅସୁବିଧା ହେଲାନାହିଁ ।

ଏକ ଗମ୍ଭୀର କର୍କଶ କଣ୍ଠ ଶୁଣାଗଲା—କୋଡ୍ ?

ନିରବ ରହିଲା ରଞ୍ଜନ ।

ପୁନର୍ବାର ପ୍ରଶ୍ନ...ନମ୍ବର ?

ରଞ୍ଜନର ମସ୍ତିଷ୍କ ଦ୍ରୁତ ଚଳାଚଳ କରୁଛି । ଶତ୍ରୁ ପକ୍ଷର କୌଣସି ବ୍ୟକ୍ତି ବୋଧହୁଏ ବୁଝି ସାରିଲାଣି ଯେ ରଞ୍ଜନ ତାଙ୍କ ପକ୍ଷର କେହି ନୁହେଁ । ମାତ୍ର ସେ ଆଉ କିଛି କହିବା ପୂର୍ବରୁ ଏକ ଅଘଟଣ ଘଟିଗଲା ।

ବିଦ୍ୟୁତ୍ ବେଗରେ ବସିପଡ଼ି ପଛ ଲକ୍ଷ୍ୟ କରି ମୁଣ୍ଡିଆ ଚଳାଇଲା ରଞ୍ଜନ । ଗନ୍‌ଧାରୀ ବ୍ୟକ୍ତି ଅସ୍ପଷ୍ଟ ଶବ୍ଦ କରି ଘୁଞ୍ଚିଗଲା ଦୂରକୁ । ସେହି ମୁହୂର୍ତ୍ତର ସଦ୍‌ବ୍ୟବହାର କଲା ରଞ୍ଜନ । ଶିକାରୀ ସିଂହ ଭଳି ସେ ଝାମ୍ପି ପଡ଼ିଲା ଉପରେ ।

ହତଭାଗ ! ସେ ବୋଧହୁଏ ଜାଣି ନ ଥିଲା ଏଇ ଅପରାଜେୟ ଦସ୍ୟୁ ସମ୍ରାଟର ଅପରିସୀମ ଶକ୍ତି ସମ୍ପର୍କରେ । କେଇ ସେକେଣ୍ଡ ମଧ୍ୟରେ ଆକ୍ରମଣକାରୀର ଅଚେତନ ଦେହ ଢଳି ପଡ଼ିଲା ରଞ୍ଜନର ବାହୁରେ ।

ରଞ୍ଜନ ଆଉ ବିଳମ୍ବ କଲା ନାହିଁ । ଅଚେତନ ଦେହକୁ ଅବଲୀଳା କ୍ରମେ ଉଠାଇ ଆଣିଲା ନିଜ କାନ୍ଧ ଉପରକୁ । ତାପରେ ଦୁଇ ଲମ୍ଫ ଦେଇ ପୁନର୍ବାର ଆସି କୁଞ୍ଜ ନିକଟରେ ଉପସ୍ଥିତ ହେଲା ।

ଥରେ ଚତୁର୍ଦ୍ଦିଗରେ ତୀକ୍ଷଣ ସତର୍କ ଦୃଷ୍ଟି ବୁଲାଇ ଆଣିଲା ରଞ୍ଜନ । ନା, କେହି କୁଆଡ଼େ ନାହାନ୍ତି । ଦ୍ରୁତପଦରେ ସେ କୁଞ୍ଜ ବାହାରକୁ ଆସି ଆଗେଇଗଲା ତୋଟାଏ ଗୁମ୍ଫା ଆଡ଼କୁ ।

ରାତି ବାରଟାରୁ କିଛି ଅଧିକ ହେବ ।

ଅମାବାସ୍ୟାର ଗାଢ଼ ଅନ୍ଧକାର ଢାଙ୍କି ରଖିଛି ଚତୁର୍ଦ୍ଦିଗ । ଅପରବେଳାଠାରୁ ଝିପି ଝିପି ବର୍ଷା ହେଉଛି । ଫଳରେ ବୋହଲ ଚାପ ହୋଇ ବାତାବରଣରେ ବେଶ୍ ଥଣ୍ଡାର ଆମେଜ ।

ମାତ୍ର ଏଇଭଳି ଏକ ଦୁର୍ଯ୍ୟୋଗମୟ ରାତିରେ ଆଜି ଏକ ଦୃଶ୍ୟର ଅବତାରଣା ହେଲା ଖାଟୁଂ ପର୍ବତ ମାଳାର ଏକ ଗୁପ୍ତ ଗୁମ୍ଫା ମଧ୍ୟରେ ।

ବେଶ୍ ପ୍ରଶସ୍ତ ଏକ ଗୁମ୍ଫାର ଅଭ୍ୟନ୍ତର । ଚତୁର୍ଦ୍ଦିଗ ରୁଦ୍ଧ । ବାହାରର ପବନ ପ୍ରବେଶ କରିବାର କୌଣସି ରାସ୍ତା ନାହିଁ । ଏଇ

ଏକାଠ ମୋଟରର ଭିତରେ ଅଛି ଏକ ସୁସଜ୍ଜିତ ଅଧିବେଶନ କକ୍ଷ ।

ସାତ ଜଣଯାକ ଜଣ ଚନ୍ଦ୍ରବେଣୀ ବସି ରହିଲେ ଚେୟାର ଉପରେ । ତାହାଙ୍କ ମୁହଁରେ କଥା ନାହିଁ । ପ୍ରତ୍ୟେକଙ୍କ ଦେହ ଝାଳି ବହିଛି ସାତ ଜଣଙ୍କର ପୋଷାକ । ଆଉ ଦୁଇଟିକୁ ଛାଡ଼ି ଦେଲେ ଦେହର ଅନ୍ୟ ସମସ୍ତ ଅଂଶ ଆଚ୍ଛାଦିତ । କେବଳ ମୁଖ ଉପରେ ଅଙ୍କିତ ହୋଇଥାଏ ଲେଖାଏଁ ସଂଖ୍ୟା ଯାହା ତାହାକୁ ସ୍ୱତନ୍ତ୍ର କରୁଥାଏ ।

ଅଧିବେଶନରେ ବସି ରହିଲେ ସମସ୍ତେ । ସାମନାରେ ଏକ ଲମ୍ବ ଟେବୁଲ । ମଝିରେ ଗଦିଆ ଚେୟାର । ବର୍ତ୍ତମାନ ଚେୟାରଟି ଖାଲି । ଚେୟାରରେ ବସିଥିବା ପ୍ରତ୍ୟେକ ଚନ୍ଦ୍ରବେଣୀଙ୍କର ଦୃଷ୍ଟି ନିବଦ୍ଧ ସେହି ଟେବୁଲ ମଝିରେ ଥିବା ଚେୟାର ଉପରେ ।

ହଠାତ୍ ଶୁଣାଗଲା ଏକ ଶବ୍ଦ ଧୀରେ ଧୀରେ ଖୋଲିଗଲା ଦରଜାଟି । ଦ୍ୱାର ଦେଇ ଭିତରେ ପ୍ରବେଶ କଲେ ଜଣେ ଚନ୍ଦ୍ରବେଣୀ । ପଛେ ପଛେ ଆଉ ଜଣେ । ତାଙ୍କରେ ତାର ଏକ ଅଚେତନ ଦେହ ।

ସେମାନେ ଆଣିଲେ ଆସି ଟେବୁଲ ଉପରେ ଅଚେତନ ବ୍ୟକ୍ତିକୁ ଶୁଆଇ ଦେଲେ । ତାର ହାତ ଗୋଡ ବନ୍ଧା ହୋଇଛି ଭଲ ଭାବରେ । ପ୍ରଥମୋକ୍ତ ଚନ୍ଦ୍ରବେଣୀକୁ ଦେଖିବା ମାତ୍ରେ ଅନ୍ୟମାନେ ଉଠି ଠିଆହେଲେ । ଚନ୍ଦ୍ରବେଣୀ ଆଗେଇ ଆସି ବସିଲେ ଟେବୁଲ ମଝିରେ ଥିବା ଗଦିଆ ଚେୟାର ଉପରେ ।

ସାଥିରେ ଆସିଥିବା ଅନେକ ଛତ୍ରବେଣୀ ପାଖରେ ଆସି ଠିଆ ହେଲେ । ବସିଲେ ନାହିଁ । ପ୍ରଥମ ଛତ୍ରବେଣୀ ବସିବା ପରେ ଅନ୍ୟ-ମାନେ ନେତାଙ୍କ ଅନୁମତି ଲଭି ବସିଲେ । ଛତ୍ରବେଣୀ ପରେ ସମସ୍ତଙ୍କ ଉଦ୍ଦେଶ୍ୟରେ ସଂକ୍ଷିପ୍ତ ଭାଷଣ ଦେଲେ । ତାଙ୍କରେ ଗମ୍ଭୀର କଣ୍ଠରେ କହିବାକୁ ଆରମ୍ଭ କଲେ—

ବନ୍ଧୁଗଣ ! ଆଜି ଏହି ଦେଶରେ ଆମର କାର୍ଯ୍ୟକାଳ ଦୁଇବର୍ଷ ପୂର୍ତ୍ତି ହେଲା । ଯା'ହେଉ ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମକୁ ଯଥେଷ୍ଟ ସଫଳତା ଆଣି ଦେଇଛି । ସେଥିପାଇଁ ମୁଁ ପ୍ରତ୍ୟେକଙ୍କୁ ଧନ୍ୟବାଦ ଜଣାଉଛି ।

ଅବଶ୍ୟ ବର୍ତ୍ତମାନର ଅବସ୍ଥା ବଡ଼ ହିଁ ଆମର ଉଦ୍ବେଗ ଜନକ । କାରଣ ଆପଣମାନେ ଜାଣିଥିବେ, ଏ ଦେଶୀୟ ଲୋକଙ୍କ ଏବଂ ଗୋରାମାନଙ୍କ ମଧ୍ୟରେ ବର୍ତ୍ତମାନ ସମ୍ପର୍କ ତିକ୍ତ ହୋଇ ଉଠିଛି । ଯୁଦ୍ଧର ଜଳ ସେମାନେ ଲାଗିଲେଣି ସ୍ଥଳରେ । ଆମର କେତେଜଣ ବାହାଦୁର ସାଥୀଙ୍କୁ ମଧ୍ୟ ଏହି ଯୁଦ୍ଧର ସୁରକ୍ଷା ପାଇଁ ପ୍ରାଣବଳି ଦେବାକୁ ହୋଇଛି ।

ସେ ଯାହେଉ ମୁଁ ଆମ ସଂଘର କାର୍ଯ୍ୟ ଅନ୍ତତଃ କିଛିଦିନ ପାଇଁ ବନ୍ଦ ରଖିବାକୁ ଚାହେଁ । ଆପଣମାନେ ଛଅ ମାସ ପାଇଁ କାର୍ଯ୍ୟ ବନ୍ଦ ରଖି କୌଣସି ନିରାପଦ ସ୍ଥାନରେ ଲୁଚି ଯାଆନ୍ତୁ । ଆବଶ୍ୟକସ୍ଥଳେ ଅନ୍ୟ ଯୋଗାଯୋଗ ରଖାଯିବ । ଲୋକଙ୍କ ମନ ଶାନ୍ତ ନିଶ୍ଚିନ୍ତ ହୋଇଗଲେ ଆମେ ପୁଣି ସେହିପରି କାର୍ଯ୍ୟ ଚଳାଇବା ।

ହଁ, ତା ଆଗରୁ ମୁଁ ଆଜି ଦୁଇଟା ଶୁଭ ଖବର ଆପଣ-ମାନଙ୍କୁ ଦେବାକୁ ଚାହେଁ । ଏଇ ଯେଉଁ ଛତ୍ରବେଣୀ ଅଚେତନ ହୋଇ ଟେବୁଲ ଉପରେ ପଡ଼ିଛି ସେ ଆଉ କେହି ନୁହେଁ, ଆମର

ଶତ୍ର ଶତ୍ରୁ, ଆମ ପଥର କଣ୍ଟା, ଦସ୍ୟୁ ରଞ୍ଜନ । କୁକୁର ପୋଲିସ ସହିତ ହାତ ମିଳାଇ ଛୁଟି ଆସିଥିଲା ଆମ ସମସ୍ତଙ୍କୁ ଗ୍ରେପ୍ତାର କରାଇବାକୁ । ହେଲେ ସେ ଜାଣେନା ହ୍ୟାରି ଜନସନ୍ ସ୍ୱରଳ୍ପଂ ସମ୍ରାଟ । ତା' ସହିତ ଟକ୍କର ଦେବାର ଶକ୍ତି ସ୍ୱୟଂ ଶୟତାନଙ୍କର ମଧ୍ୟ ନାହିଁ ।

ଆଜି ଏଇ କୁକୁର ରଞ୍ଜନକୁ ବନ୍ଦୀ କରିଛନ୍ତି ଯିଏ, ସେ ଆମର ବାହାଦୁର ସାଥୀ ତିନି ନମ୍ବର । ମୁଁ ତାଙ୍କୁ ଉପଯୁକ୍ତ ପୁରସ୍କାର ଦେବି । ଆମେ ଯିବା ପୂର୍ବରୁ ରଞ୍ଜନକୁ ଏଇ ଖୁସିରେ ଗୁଳି କରି ଟିକି ଟିକି କରି କାଟି ଡାହାଣ ଖୋଇବାର ସୁବନ୍ଦୋବସ୍ତ ମୁଁ ନିଶ୍ଚୟ କରିଯିବି ।

ତା'ପରେ ଆଉ ଏକ ଶୁଭ ଖବର କଣ ଜାଣନ୍ତି ? ଆମର ଅନ୍ୟ ଜଣେ ଶତ୍ରୁ ଓଡ଼ିଶା ଗୋଇନ୍ଦା ବିଭାଗର ଅଫିସର ବିଜୟ । ସେ ମଧ୍ୟ ବର୍ତ୍ତମାନ ଆମ ହାତ ମୁଠାରେ । ନିଜ ଉପରେ ବେଶ୍ ବିଶ୍ୱାସ ହେଇ ଯାଇଥିଲା ଲୋକଙ୍କର । ଏଥର ତାକୁ ମୃତ୍ୟୁ ମୁଖରୁ କେହି ବଞ୍ଚାଇ ପାରିବେନି । ନମ୍ବର ନାଇନ୍ ! ଠିଆହୁଏ ।

ଛଦ୍ମବେଶୀ ବସ୍ ହାତରେ ଚମକି ଉଠିଲା ଏକ ରିଭଲଭର୍ । ଚେୟାର ଉପରେ ବସିଥିବା ନଅ ନମ୍ବର ସୁଇଲର୍ ଆଡ଼କୁ ନିଜର ରିଭଲଭର୍ ଉଦ୍ୟତ କରି ଧରିଲା ସେ । ମୁହୂର୍ତ୍ତକର ଦ୍ୱିଧା । ନଅ ନମ୍ବର ଉଠି ଠିଆହେଲା ।

ବସ୍ ପୁନର୍ବାର ସ୍ପଷ୍ଟ ଗର୍ଜନ କରି ଉଠିଲା—କୁକୁର ! ଏଇ ବୁଦ୍ଧି ନେଇ ଗୋଇନ୍ଦାଗିରି କରିବାକୁ ଆସିଥିଲୁ । ଏଥର ତାର ପ୍ରତିଫଳ ନିଶ୍ଚୟ ପାଇବୁ ଗୋଇନ୍ଦା ବିଜୟ !

ସମସ୍ତେ ଚମକି ଉଠିଲେ । ତା’ହେଲେ ଏଇ ନଅ ନମ୍ବର ଦସ୍ୟୁର ଛଦ୍ମବେଶରେ ତାଙ୍କ ମଝିରେ ପିଏ ଆସି ବସିଥିଲା ସେଇଟି ଗୋଇନ୍ଦା ଅଫିସର ବିଜୟ !!

ଦଳପତିର ଝଲଲଭର୍ ଟ୍ରିଗାର୍ ଉପରେ ଆଙ୍ଗୁଳି ଶକ୍ତ ହୋଇ ଉଠିଲା । ବିଜୟବାବୁ ପ୍ରତୀକ୍ଷା କରୁଥିଲେ ମୃତ୍ୟୁକୁ । ଭୁସ୍ ମାନଙ୍କୁ ଅନୁସରଣ କରି ସେ ଏବଂ ଇନସ୍‌ପେକ୍ଟର ରଘୁନାଥ ଏଠାରେ ଆସି ଉପସ୍ଥିତ ହୋଇଥିଲେ । ଅବଶ୍ୟ ତାଙ୍କୁ ଛଦ୍ମ-ବେଶରେ ଏଇ ଘାଟି ଭିତରେ ପ୍ରବେଶ କରାଇ ରଘୁନାଥ ଯେ ଲୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ସେକଥା ସେ ବୁଝିପାରି ନାହାନ୍ତି । ଆଉ ବର୍ତ୍ତମାନ··· ।

ନା, ଠିକ୍ ଏତିକିବେଳେ ଦଳପତି ହାତରୁ ଝିଭଲଭର୍ ଛିଟ୍‌କି ପଡ଼ିଲା ଦୂରକୁ । ତା’ ସଙ୍ଗେ ସଙ୍ଗେ ଏକ ଗମ୍ଭୀର କଣ୍ଠ ଶୁଣାଗଲା —ସାବଧାନ ! କେହି ହଲଚଲ୍ ହେଲେ କୁକୁର ଭଳି ଗୁଳି କରି ମାରିବି । ସାରା ଆଡ୍‌ଡାକୁ ପଚାଶ ମିଲିଟାରୀ ପୋଲିସ ଘେରି ରହିଛନ୍ତି ।

କହୁ କହୁ ସି: ବି: ଆଇ: ଇନସ୍‌ପେକ୍ଟର ରଘୁନାଥ ଦ୍ୱାର ଦେଇ ପ୍ରବେଶ କଲା ଭିତରେ । ପଛେ ପଛେ ମିଲିଟାରୀ ବାହିନୀ । ଅଳ୍ପକ୍ଷଣ ମଧ୍ୟରେ ସମସ୍ତ ଦସ୍ୟୁଦଳ ବନ୍ଦୀ ହେଲେ । କିନ୍ତୁ···ଦଳପତି ସମସ୍ତଙ୍କ ଅଜାଣତରେ ଟେବୁଲ ତଳେ ଥିବା ଏକ ସୁଇଚ୍ ଟିପିଦେଲା । ବିଦ୍ୟୁତ ବେଗରେ ତାର ଚେୟାର ଲିଫ୍‌ଟ ଭଳି ଖସିଗଲା ତଳକୁ ।

ମାତ୍ର ଅଦୃଶ୍ୟ ହେବା ଆଗରୁ ଦୁଇ ଦିଗରୁ ରଘୁନାଥ ଏବଂ ଅପର ଦିଗରୁ ତିନ ନମ୍ବର ଦସ୍ୟୁ ଉଭୟ ଝାମ୍ପି ପଡ଼ିଲେ ଦଳପତି ଉପରେ । ଶେଷକରି ପୁନର୍ବାର ତାକୁ ଦୁହେଁ ଟାଣି ଆଣିଲେ

ଉପରକୁ । ନିଷ୍ଫଳ କ୍ରୋଧରେ ଗର୍ଜନ କରୁ କରୁ ଦଳପତି ଅର୍ଥାତ୍ ହ୍ୟାରି ଜନସନ୍ କହି ଉଠିଲା—ବିଶ୍ୱାସଘାତକ, କୁକୁର ରନ୍ଦେମନ୍ ! ତୁ...ତୁ...'

ହୋ ହୋ ହୋଇ ଏଥର ହସି ଉଠିଲା ରନ୍ଦେମନ । ଅର୍ଥାତ୍ ଛଦ୍ମ ନାମଧାରୀ ଦସ୍ୟୁ । ଗମ୍ଭୀର କଣ୍ଠରେ କହିଲା—ମୁଁ ରନ୍ଦେମନ ନୁହେଁ ହ୍ୟାରି ! ତୁମର ରନ୍ଦେମନ ବର୍ତ୍ତମାନ ବନ୍ଧାହୋଇ ଅଚେତ ହୋଇ ପଡ଼ିଛି ଟେବୁଲ ଉପରେ । ଯାହାକୁ ତୁମେ ଦସ୍ୟୁ ରଞ୍ଜନ ବୋଲି କହୁଛ ।

ହ୍ୟାରି ଜନ୍‌ସନ ଚିତ୍କାର କରି ଉଠିଲା—ହ୍ୱାଟ୍ ! ତା' ହେଲେ, ତା'ହେଲେ...ତୁ କିଏ ?

—ମୁଁ ? ମୋର ପରିଚୟ ଜାଣିବାକୁ ଚାହୁଁଛୁ ? ଶୁଣ ମୁଁ ଚୋର ଯମ ଦସ୍ୟୁ ରଞ୍ଜନ !

ରଞ୍ଜନ୍ ଏଥର ହ୍ୟାରି ଜନ୍‌ସନକୁ ଭଲ ଭାବରେ ବାନ୍ଧି ଦେଲା । ଆଶ୍ଚର୍ଯ୍ୟର ବିଷୟ ଦସ୍ୟୁ ରଞ୍ଜନର ପରିଚୟ ପାଇ ମଧ୍ୟ ସେ ରଞ୍ଜନକୁ ଗ୍ରେପ୍ତାର କରିବା ନିମନ୍ତେ ଆଦୌ ତତ୍ପର ହେଲେ ନାହିଁ ।

ଅନ୍ୟ ସମସ୍ତ ଦସ୍ୟୁଦଳ ବନ୍ଦୀ ହେଲେ । ହ୍ୟାରି ସହିତ ଅନ୍ୟାନ୍ୟ ଦୁର୍ଗର ଦସ୍ୟୁମାନଙ୍କୁ ସଶସ୍ତ୍ର ପୋଲିସବାହିନୀ ଘେରରେ ଆଣିଲେ ଗୁମ୍ଫା ବାହାରକୁ । ପାହାଡ଼ ଅଞ୍ଚଳ ବର୍ତ୍ତମାନ ପୋଲିସର ଶକ୍ତି ସର୍ଚ୍ଚ ଲାଇଟ୍ ଦ୍ୱାରା ଆଲୋକିତ ।

ବାହାରେ ଅପେକ୍ଷା ରଞ୍ଜନ୍ ଏବଂ ବିଜୟବାବୁଙ୍କ ନେତୃତ୍ୱରେ ଦସ୍ୟୁଦଳଙ୍କୁ ମିଲିଟାରି ଟ୍ରାକରେ ବନ୍ଦୀ ଅବସ୍ଥାରେ ବସାଗଲା ।

ଘାଦ:ଢ଼ ରସ୍ତା ଉପରେ ଛୁଟି ଚାଲିଲା ମିଲିଟାରୀ ଭ୍ୟାନ । ପଛରେ ଗୋଟାଏ ଚୋରାପ ଜିପ୍‌ରେ ଆସି ବସିଲେ ରଞ୍ଜନ୍ ଏବଂ ବିଜୟବାବୁ । ରଞ୍ଜନ୍ ଡ୍ରାଇଭିଂ ସିଟ୍‌ରେ ।

ମିଲିଟାରୀ ଭ୍ୟାନ୍ ପଛରେ ଛୁଟି ଚାଲିଛି ଜିପ୍ । ରଞ୍ଜନ୍ କହୁଚାଲିଛନ୍ତି—ବିଜୟବାବୁ ! ମୋର ଧାରଣା ଡ୍ୟାଣ୍ଡ ଜନ୍‌ସନର ସମସ୍ତ ଦଳ ଧରାପଡ଼ିଛି । ଅବଶ୍ୟ ଏଥିରେ ହୋଟେଲ ସି ଭ୍ୟୁର ମାଲିକ ଜନ୍ ପେଣ୍ଡେରିକ, ତାର ଝିଅ ଲିଲି, ଭଦ୍ରେମନ ପ୍ରଭୃତି ଅଛନ୍ତି । ଆଉ ଲୋକ୍‌ମାନେତ' ଆପଣଙ୍କ ହାତରେ ବନ୍ଦୀ । ଆପଣ ଏଥର ସେମାନଙ୍କ ବ୍ୟବସ୍ଥା କରିବେ । ଯା'ହେଉ ଗୋଟାଏ ଧ୍ୱଂସ ମୁଖରୁ ଦେଶ ରକ୍ଷା ପାଇଲା ।

ବିଜୟବାବୁ ଅବାକ୍ ହୋଇ ଚାହିଁ ରହିଛନ୍ତି । ଇନ୍‌ସ୍‌-ପେକ୍ଟର ରଞ୍ଜନ୍‌ଙ୍କ ଆଡ଼କୁ । କେବଳ ତାଙ୍କରି ପାଇଁ ହିଁ ସେ ଆଜି ଆନ୍ତର୍ଜାତିକ ସ୍ମଗଲିଂ ଦଳକୁ ଗ୍ରେପ୍ତାର କରିବାକୁ ସମର୍ଥ ହୋଇ ପାରିଛନ୍ତି ।

ଏହି ସମୟରେ ଦେଖାଗଲା ଗୋଟାଏ କ୍ଷୁଦ୍ର ଶକ୍ତିଶାଳୀ ହେଲିକେପ୍ଟର ଉଡ଼ି ବୁଲୁଛି ଉପରେ । ଠିକ୍ ଜିପ୍ ନିକଟରେ ପହଞ୍ଚି ହେଲିକେପ୍ଟର ଭିତରୁ ଗୋଟାଏ ଦଉଡ଼ି ସିଡ଼ି ଝୁଲିପଡ଼ିଲା ତଳକୁ ।

ବିଜୟବାବୁ ଚମକି ଉଠିଲେ । ମାତ୍ର ସେ କିଛି କହିବା ଆଗରୁ ଜିପ୍ ବନ୍ଦ କରିଦେଲେ ରଞ୍ଜନ୍ । ବିଜୟବାବୁ କହିଲେ—ଏ କଣ ? ଜିପ୍ ବନ୍ଦକଲେ କାହିଁକି ? ଏଇ ହେଲିକେପ୍ଟର··· ?

କଥାରେ ବାଧା ଦେଇ ରଞ୍ଜନ୍ କହିଲେ—ମୋତେ ନବାବ୍ ଆସିଛି ।

—ମାନେ ?

ମୃଦୁ ହସି ରଞ୍ଜନ କହିଲେ—ପରେ ବୁଝିବାକୁ ପାଇଲେ ରଜତବାବୁ ! ମୁଁ ସି:ବି:ଆଇ: ଇନ୍‌ସ୍‌ପେକ୍ଟର ନୁହେଁ । ମୁଁ ସେ ଆପଣଙ୍କର ଅତି ପରିଚିତ ଦସ୍ୟୁ ରତନ । ଆଜି ହେଲିକପ୍‌ଟରର ଚାଳକ ଦସ୍ୟୁ ରଞ୍ଜନ···ଆଚ୍ଛା, ବିଦାୟ ।

ରତନ ବନ୍ଦୁକ ବେଗରେ ଝାମ୍ପ ଦେଇ ସିଡ଼ି ଧରି ପଳାଇଲେ । ରଜତବାବୁ ହତ୍‌ବାକ ହୋଇଗଲେ । ଏଇ ମୁହୂର୍ତ୍ତରେ ସେ ଯେ କଣ କରିବେ କିଛି ବୁଝି ପାରିଲେ ନାହିଁ । ମାତ୍ର ସଜାଗ ହୋଇ ଉଠି ସେ ଦେଖିଲେ ହେଲିକପ୍‌ଟର ଆକାଶ ମାର୍ଗରେ ଉଡ଼ି ଚାଲିଛି ତୀର ବେଗରେ ।

ରଜତବାବୁଙ୍କ ପାଟିରୁ ବାହାରିଗଲା—ଆଶ୍ଚର୍ଯ୍ୟ ଏଇ ଦସ୍ୟୁ ରଞ୍ଜନ ଆଉ ରତନ !

ଦୀର୍ଘଶ୍ୱାସ ପକାଇ ରଜତବାବୁ ଡ୍ରାଇଭିଂ ସିଟ୍‌ରେ ଆସି ବସିଲେ । ତାପରେ ଜିପ ଛୁଟାଇ ଦେଲେ ଆଗକୁ ।



ଏହା ପରେ ଦସ୍ୟୁ ରଞ୍ଜନ ଏବଂ ଦସ୍ୟୁ ରତନର
ଅଭିନବ କୀର୍ତ୍ତି କଳାପ ଜାଣିବାକୁ ହେଲେ ପଢ଼ନ୍ତୁ
ଭୟାବହ ଅଭିଯାନର କାହାଣୀ—

ରଞ୍ଜନର ପ୍ରତିହିଂସା

Dasyu Ranjan Series Rs. 2-00

୧ । [illegible]
୨ । [illegible]
୩ । [illegible]
୪ । [illegible]
୫ । [illegible]
୬ । [illegible]
୭ । [illegible]
୮ । [illegible]
୯ । [illegible]
୧୦ । [illegible]
୧୧ । [illegible]
୧୨ । [illegible]
୧୩ । [illegible]
୧୪ । [illegible]
୧୫ । [illegible]
୧୬ । [illegible]
୧୭ । [illegible]
୧୮ । [illegible]
୧୯ । [illegible]
୨୦ । [illegible]
୨୧ । [illegible]
୨୨ । [illegible]
୨୩ । [illegible]
୨୪ । [illegible]
୨୫ । [illegible]
୨୬ । [illegible]
୨୭ । [illegible]
୨୮ । [illegible]
୨୯ । [illegible]
୩୦ । [illegible]
୩୧ । [illegible]
୩୨ । [illegible]
୩୩ । [illegible]
୩୪ । [illegible]
୩୫ । [illegible]
୩୬ । [illegible]
୩୭ । [illegible]
୩୮ । [illegible]
୩୯ । [illegible]
୪୦ । [illegible]

[illegible]

[illegible]

[illegible]